

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



Vol - 22 ✦ Issue No:121 ✦ 24 August 2026 (Monday) ✦ Rourkela ✦ Rs.2.00 ✦ Page -1 ✦ ୨୨ ବର୍ଷ ✦ ସଂଖ୍ୟା:୧୨୧ ✦ ୨୪ ଅଗଷ୍ଟ ୨୦୨୬ (ସୋମବାର) ✦ ରାଉରକେଲା ✦ ମୂଲ୍ୟ:ଟ.୨.୦୦ ✦ ପୃଷ୍ଠା-୬


## ୟୁକ୍ରେନରେ ନିର୍ବାଚନ କରାଇବା ବିପଜ୍ଜନକ: ଜେଲେନସ୍କି



କିଭ୍,୨୩/୮:ଋଷ ସହ ଯୁଦ୍ଧ ଚାଲିଥିବା ସମୟରେ ୟୁକ୍ରେନରେ ନିର୍ବାଚନ ଆୟୋଜନ କରିବା ଅତ୍ୟନ୍ତ ବିପଜ୍ଜନକ ହେବ ବୋଲି ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ପ୍ରକାଶ କରିଛନ୍ତି। ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମିଖାଇଲୋ ଫେଡୋରୋଭ ନିର୍ବାଚନ ପାଇଁ ଦାବି କରିବା ପରେ ଜେଲେନସ୍କି ଏହି ପ୍ରତିକ୍ରିୟା ରଖିଛନ୍ତି। ଏପରି ସଙ୍କଟଜନକ ପରିସ୍ଥିତିରେ ନିର୍ବାଚନ କରିବା ଦେଶ ପାଇଁ ଏକ ବଡ଼ ବିପଦ ଏବଂ ଏହା ୟୁକ୍ରେନକୁ ବିଭାଜିତ କରିଦେବ ବୋଲି ସେ ଚେତାଇ ଦେଇଛନ୍ତି। ଦେଶକୁ ନଷ୍ଟ କରିବାର ଉଦ୍ଦେଶ୍ୟ ଥିଲେ ହିଁ ଏହି ଯୁଦ୍ଧ ସମୟରେ ନିର୍ବାଚନ ଆଡ଼କୁ ଗତି କରାଯାଇପାରିବ ବୋଲି ୪୮ ବର୍ଷୀୟ ଏହି ନେତା କହିଛନ୍ତି। ସାମରିକ ଆଇନ (ମାର୍ଶଲ ଲ') ବଳବନ୍ତର ଥିବାରୁ ୟୁକ୍ରେନରେ ବର୍ତ୍ତମାନ ନିର୍ବାଚନ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି, ଯାହାକୁ ଦେଶର ଜନସାଧାରଣ ବ୍ୟାପକ ସମର୍ଥନ କରୁଛନ୍ତି। ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ଜେଲେନସ୍କି ନିଜର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଫେଡୋରୋଭ ଭୁଲ୍ ବାଟରେ ଯାଉଛନ୍ତି କିମ୍ବା ତାଙ୍କୁ ଭୁଲ୍ ଦିଗକୁ ନିଆଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। କିଭ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଓଲୋଜିର ଏକ ସର୍ଭେ ଅନୁଯାୟୀ, ମାତ୍ର ୧୫ ପ୍ରତିଶତ ନାଗରିକ ଯୁଦ୍ଧ ଶେଷ ହେବା ପୂର୍ବରୁ ନିର୍ବାଚନ ଚାହୁଁଥିବା ବେଳେ ବହୁ ସଂଖ୍ୟାକ ଜନସାଧାରଣ ଯୁଦ୍ଧ ଉପରେ ହିଁ ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ଶ୍ରେୟସ୍କର ମଣୁଛନ୍ତି। ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ଫେଡୋରୋଭଙ୍କୁ ପଦରୁ ହଟାଯିବା ପରେ କିଛି ସଂସ୍କାରମୂଳକ ଦାବିକୁ ନେଇ ଗଣବିକ୍ଷୋଭ ଦେଖାଦେଇଥିଲା, ଯେଉଁଥିରେ ସାମରିକ କମାଣ୍ଡର-ଇନ୍-ଚିଫ୍ ଓଲେକ୍ସାଣ୍ଡର ସିରସ୍କିଙ୍କୁ ବହିଷ୍କାର କରିବାକୁ ଦାବି ହୋଇଥିଲା। ଏହି ଘଟଣାକୁ ନେଇ ଜେଲେନସ୍କି କହିଛନ୍ତି ଯେ ନାଗରିକମାନଙ୍କର ପ୍ରତିବାଦ କରିବାର ଅଧିକାର ରହିଛି, ମାତ୍ର ସେନା ଓ ବଳିଦାନ ଦେଉଥିବା ସୈନିକମାନଙ୍କ ପ୍ରତି ଅସମ୍ମାନଜନକ ମନୋଭାବ ଗ୍ରହଣୀୟ ନୁହେଁ। ଯୁଦ୍ଧ ସମୟରେ ବିଭାଜନ ସୃଷ୍ଟି ହେବାର ଆଶଙ୍କା ରହିଛି।

## କାନାଡ଼ା ଉପରେ ୫୦% ଶୁଳ୍କ ଲଗାଇଲା ଆମେରିକା

ୱାଶିଂଟନ,୨୩/୮:ଦୀର୍ଘଦିନର ଆଲୋଚନା ବିଫଳ ହେବା ପରେ ଶନିବାରଠାରୁ କାନାଡ଼ା ସାମଗ୍ରୀ ଉପରେ ଆମେରିକା ୫୦% ସୀମା ଶୁଳ୍କ (ଟାରିଫ୍) ଲାଗୁ କରିଛି। ଏହାଦ୍ୱାରା ଆମେରିକାକୁ କାନାଡ଼ାରୁ ହେଉଥିବା ପ୍ରାୟ ୨୦ ବିଲିୟନ ଡଲାର ମୂଲ୍ୟର ରପ୍ତାନି ପ୍ରଭାବିତ ହେବ। ଆମେରିକାର ଏହି ପଦକ୍ଷେପ ପରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ପାଲଟା ଚେତାବନୀ ଦେଇଛନ୍ତି। ନିଜ ଦେଶର ଶ୍ରମିକ ଓ ବ୍ୟବସାୟୀଙ୍କ ସୁରକ୍ଷା ପାଇଁ କାନାଡ଼ା ମଧ୍ୟ ଆମେରିକା ସାମଗ୍ରୀ ଉପରେ ସମାନ ପରିମାଣର ଶୁଳ୍କ ଲଗାଇ ଉଚିତ ଜବାବ ଦେବ ବୋଲି ସେ କହିଛନ୍ତି। ଆମେରିକା ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରୀଅର କହିଛନ୍ତି ଯେ, ଆମେରିକା ପକ୍ଷରୁ ଇସ୍ପାତ, ଆଲୁମିନିୟମ୍, ଅଟୋମୋବାଇଲ୍ ଏବଂ କାଠ ସାମଗ୍ରୀ ଉପରୁ ଶୁଳ୍କ ହ୍ରାସ କରିବାର ପ୍ରସ୍ତାବ ଦିଆଯାଇଥିଲା; କିନ୍ତୁ କାନାଡ଼ା ଶେଷ ମୁହୂର୍ତ୍ତରେ ଏହି ବାଣିଜ୍ୟ ଚୁକ୍ତିକୁ ଚୂଡ଼ାନ୍ତ କରିବାକୁ ମନା କରିଦେଇଥିଲା। ଅପରପକ୍ଷରେ କାନାଡ଼ା ପ୍ରଧାନମନ୍ତ୍ରୀ କହିଛନ୍ତି ଆମେରିକା ଶେଷ ମୁହୂର୍ତ୍ତରେ ରଖିଥିବା ସର୍ତ୍ତଗୁଡ଼ିକ ଅନ୍ୟାୟପୂର୍ଣ୍ଣ ଏବଂ ଅପ୍ରାସଙ୍ଗିକ ଥିଲା। ଏହି କାରଣରୁ ଦୁଇ ଦେଶ ମଧ୍ୟରେ କୌଣସି ସମ୍ମତି ହୋଇପାରି ନାହିଁ।


ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ। ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com


## ଜେନ୍-ଜି ପାଇଁ ଟିମ୍ ଗଢ଼ିଲା ବିଜେପି:

## 'ଯୁବ ସମ୍ବାଦ' ଅଭିଯାନ ଜରିଆରେ ଯୁବବର୍ଗଙ୍କ ସହ ଯୋଡ଼ି ହେବ



ନୂଆଦିଲ୍ଲୀ,୨୩/୮: ଜେନ୍ ଜି ଅର୍ଥାତ୍ ଯୁବବର୍ଗଙ୍କ ସହ ଯୋଡ଼ି ହେବା ଲାଗି ବିଜେପି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଏଥିରେ ବିଜେପି ଅଧ୍ୟକ୍ଷ ନୀତିନ ନବୀନ, ରାଷ୍ଟ୍ରୀୟ ମହାସଚିବ ସ୍ମୃତି ଇରାନୀ, ବିନୋଦ ତାୱ୍ଡ଼େ, ଗୁଜରାଟର ମନ୍ତ୍ରୀ ହର୍ଷ ସାଂଘଭି ଏବଂ ଛତିଶଗଡ଼ ମନ୍ତ୍ରୀ ଓପି ଚୌଧରୀଙ୍କ ଭଳି ପ୍ରମୁଖ ନେତା ସାମିଲ ଅଛନ୍ତି। ଏହି ଟିମ୍ 'ଯୁବ ସମ୍ବାଦ' ଅଭିଯାନ ଜରିଆରେ ୧୪ରୁ ୨୫ ବର୍ଷୀୟ ଯୁବବର୍ଗଙ୍କ ସହ ଯୋଡ଼ିହେବ। ଆଲୋଚନା ଜରିଆରେ ଜେନ୍-ଜିଙ୍କ ବିଚାରଧାରା, ବିଭିନ୍ନ ସମସ୍ୟା ଏବଂ ଆକାଂକ୍ଷାକୁ ବୁଝିବାକୁ ଟିମ୍ ଉଦ୍ୟମ କରିବ। ଯୁବବର୍ଗଙ୍କ ନିକଟରେ ବିଜେପି ନେତାଙ୍କୁ ସିଧା ପ୍ରଶ୍ନ କରିବା ଏବଂ ନିଜ କଥା ରଖିବାର ସୁଯୋଗ ବି ମିଳିବ। ଖୁବ୍‌ଶୀଘ୍ର ଅଭିଯାନର କାର୍ଯ୍ୟସୂଚୀ ସଂପର୍କରେ ସୂଚନା ଜାରି ହେବ ବୋଲି ଜଣାପଡ଼ିଛି। ଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ଶନିବାର ନୀତିନ ନବୀନଙ୍କ ଅଧ୍ୟକ୍ଷତାରେ ୬୫ ସଦସ୍ୟ ବିଶିଷ୍ଟ ନୂଆ ରାଷ୍ଟ୍ରୀୟ ଟିମ୍‌ର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କଂଗ୍ରେସର ସମ୍ପୂର୍ଣ୍ଣ ବନ୍ଦେ ମାତରମ ନ ଗାଇବା ନିଷ୍ପତି ବିରୋଧରେ ପ୍ରସ୍ତାବ ଗୃହୀତ ହୋଇଛି। ଏଥିସହ ଆଗାମୀ ବିଧାନସଭା ନିର୍ବାଚନ ଲାଗି ପ୍ରସ୍ତୁତି, ବୁଥ୍ ଏବଂ ତୃଣମୂଳ ସ୍ତରରେ ସଙ୍ଗଠନକୁ ମଜଭୁତ କରିବା, ଦଳୀୟ କାର୍ଯ୍ୟକ୍ରମ, ବିରୋଧୀ ଦଳଙ୍କୁ ଘେରିବା, ସରକାରଙ୍କ ଯୋଜନାକୁ ଜନତାଙ୍କ ନ ପହଚାଂଇବା ଭଳି ରଣନୀତି ଉପରେ ବ୍ୟାପକ ଚର୍ଚ୍ଚା ହୋଇଛି। ନୀତିନ ନବୀନ କହିଥିଲେ ଯେ ବିଜେପି ବନ୍ଦେ ମାତରମ୍‌ର ଇତିହାସ ଏବଂ ମହତ୍ୱ ସାରା ଦେଶରେ ପହଚାଂଇବା ଲାଗି ଅଭିଯାନ ଚଳାଇବ।

## ଆମେରିକା-କାନାଡା ବାଣିଜ୍ୟ ଯୁଦ୍ଧ:

### ଆମ ଉପରେ ଏକ ଆକ୍ରମଣ ହୋଇଛି କହି ଉଦ୍‌ବେଗ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ କାର୍ନି



ୱାସିଂଟନ/ଓଟାୱା,୨୩/୮: ଆମେରିକା ଏବଂ କାନାଡା ୱାଶିଂଟନ ମଧ୍ୟରେ ଆଲୋଚନା ଅସଫଳ ହେବା ପରେ, କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି କହିଛନ୍ତି, ଏକ ଖରାପ ବାଣିଜ୍ୟ ଚୁକ୍ତି ଯୋଗୁଁ ମୁଁ ଆଲୋଚନାରୁ ଓହରି ଯାଉଛି। ଏହା ସହ ସେ ଆମେରିକା ଉପରେ ପ୍ରତିଶୋଧମୂଳକ ଶୁଳ୍କ ଲାଗୁ କରିବାକୁ ଧମକ ଦେଇଛନ୍ତି। କାର୍ନି ଦାବି କରିଛନ୍ତି ଯେ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଅନୁଚିତ ନୂତନ ସର୍ତ୍ତଗୁଡ଼ିକ ଅର୍ଥନୈତିକ ଭାବରେ ଲାଭଦାୟକ ନୁହେଁ। ଆମେରିକାର ସର୍ତ୍ତ କାନାଡାର ସାମଗ୍ରିକ ଲାଭକୁ କ୍ଷତି ପହଚାଂଇବ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାଣିଜ୍ୟ ଯୁଦ୍ଧ ଆରମ୍ଭ କରିଥିବା ସେ ଅଭିଯୋଗ ଆଣିଛନ୍ତି। ଆମ ଉପରେ ଆକ୍ରମଣ ହୋଇଛି ବୋଲି କହି ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେମାନେ ଯାହା ସର୍ତ୍ତ ରଖିଛନ୍ତି ତାହା ଆମେ ଗ୍ରହଣ କରିପାରିବୁ ନାହିଁ, ଏବଂ ସେମାନେ ଯାହା ମାଗିଛନ୍ତି ତାହା ଆମେ ସେମାନଙ୍କୁ ଦେଇପାରିବୁ ନାହିଁ। ଆମେ ଏହି ପଦକ୍ଷେପ ଏହି ଆତ୍ମବିଶ୍ୱାସର ସହିତ ନେଉଛୁ। କାରଣ କାନାଡାର ସର୍ବୋତ୍ତମ ସ୍ୱାର୍ଥ ନେଇ ଆମେ ବେଶ୍ ସଚେତନ।

## ହର୍ମୁଜ୍‌ରେ ପୁଣି ବଢ଼ିଲା ଉତେଜନା:

### 'ଆମେରିକୀୟ ଅଚଂଳ'ନେଇ ଟ୍ରମ୍ପଙ୍କ ପୋଷ୍ଟ୍‌କୁ ସମାଲୋଚନା କଲା ଇରାନ



ୱାସିଂଟନ/ତେହେରାନ,୨୩/୮: ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଥମିବାର କୌଣସି ସଙ୍କେତ ଦେଖାଯାଉନାହିଁ। ଉଭୟ ଦେଶ ହର୍ମୁଜ୍ ପ୍ରଣାଳୀ ଉପରେ ନିଜ ନିଜର ଦାବି କରୁଛନ୍ତି। ଏହି ସମୟରେ, ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଏକ ଫଟୋ ସେୟାର କରି ହର୍ମୁଜ୍ ପ୍ରଣାଳୀକୁ ଆମେରିକାର ନୂତନ ଅଚଂଳ ଭାବରେ ବର୍ଣ୍ଣନା କରିଛନ୍ତି। ଏହାକୁ ନେଇ ଇରାନ ସ୍ପଷ୍ଟ ଭାବରେ କହିଛି ଯେ, ହର୍ମୁଜ୍ ପ୍ରଣାଳୀ ବନ୍ଦ ଅଛି। ୱାସିଂଟନର ଆଭିମୁଖ୍ୟ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଏହା ବନ୍ଦ ରହିବ। ଆମେରିକା ଯେପର୍ଯ୍ୟନ୍ତ ନିଜର ପ୍ରତିଶ୍ରୁତି ପୂରଣ ନ କରିଛି ସେପର୍ଯ୍ୟନ୍ତ ହର୍ମୁଜ୍ ପ୍ରଣାଳୀକୁ ଆଉ ଖୋଲାଯିବ ନାହିଁ ବୋଲି ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ସଚିବ ମୋହସେନ ରେଜାଇ କହିଛନ୍ତି। ଆମେରିକାର ମନୋଭାବ ପରିବର୍ତ୍ତନ ହେଲେ ପରିସ୍ଥିତିରେ ଉନ୍ନତି ହେବ। ସେ ସ୍ପଷ୍ଟ କରିଛନ୍ତି ଯେ, ଏହାର ସମାଧାନ ଆଲୋଚନା ମାଧ୍ୟମରେ ମିଳିପାରିବ ନାହିଁ, ବରଂ ଆମେରିକାର କାର୍ଯ୍ୟରେ ସୁଧାର ହେଲେ ସମ୍ଭବ ହେବ। ସାମୁଦ୍ରିକ ଟ୍ରାଫିକ ସଂସ୍ଥା କେପ୍ଲର ଅନୁଯାୟୀ, ଗତ ଦୁଇ ସପ୍ତାହ ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ୮୦% ରୁ ଅଧିକ ତରଳ ମାଲବାହୀ ଜାହାଜ ଓମାନ ପଥ ବ୍ୟବହାର କରିଛନ୍ତି, ଯାହାକୁ ଆମେରିକା ଦ୍ୱାରା ସମର୍ଥିତ ଏବଂ ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ ଦ୍ୱାରା ଅନୁମୋଦିତ କରାଯାଇଛି। ରେଜାଇ ଏହା ମଧ୍ୟ କହିଛନ୍ତି ଯେ ଇରାନ ଏବଂ ଓମାନ ହର୍ମୁଜ୍ ପ୍ରଣାଳୀ ଦେଇ ଏକ ମଧ୍ୟମ ପଥ ସ୍ଥାପନ କରିବାକୁ ରାଜି ହୋଇଛନ୍ତି। ତେବେ ଏପର୍ଯ୍ୟନ୍ତ ଏକ ମିଳିତ ବିବୃତ୍ତି ଜାରି କରାଯାଇ ନାହିଁ। ପୂର୍ବରୁ ଟ୍ରମ୍ପ ୧୮ ଅଗଷ୍ଟରେ ସୋସିଆଲ ମିଡିଆରେ ସମାନ ଚିତ୍ର ସେୟାର କରିଥିଲେ। ସେ ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ ନିରନ୍ତର ନିଜର ଦାବି କରିଆସୁଛନ୍ତି, ଯେତେବେଳେ ଇରାନ ତାଙ୍କ ଦାବିକୁ ଲଗାତାର ଖଣ୍ଡନ କରିଆସୁଛି। ଟ୍ରମ୍ପଙ୍କ ଏହି ପଦକ୍ଷେପ ଯୋଗୁଁ ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା କମିବା ପରିବର୍ତ୍ତେ ଆହୁରି ବଢ଼ିବାରେ ଲାଗିଛି। ଟ୍ରମ୍ପ ଅଗଷ୍ଟ ୧୪ ତାରିଖରେ ଲଙ୍ଗ ଆଇଲ୍ୟାଣ୍ଡର ଏକ ପୁଲିସ ଏକାଡେମୀରେ ତାଙ୍କ ଭାଷଣ ସମୟରେ ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ ଏକ ବିବୃତି ମଧ୍ୟ ଦେଇଥିଲେ। ସେ କହିଥିଲେ ଯେ ସେ ଖୁବ୍ ଶୀଘ୍ର ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥକୁ ଆମେରିକାର ଅଚଂଳ ଭାବରେ ଘୋଷଣା କରିବେ। ଇରାନର ବନ୍ଦ ଘୋଷଣା ସତ୍ତ୍ୱେ, ଗତ କିଛି ଦିନ ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ଦେଇ ଯାତାୟାତ କରୁଥିବା ଜାହାଜ ସଂଖ୍ୟା ବୃଦ୍ଧି ପାଇଛି।

## ପରିତ୍ୟକ୍ତ ଖାଦାନରେ ବୁଡ଼ି ୨ ଛାତ୍ର ମୃତ

### ଦୁଇଦିନିଆ ଖୋଜାଖୋଜି ପରେ ମିଳିଲା ମୃତଦେହ



ନୀଳଗିରି,୨୩/୮(ନି/ପ୍ର): ପରିତ୍ୟକ୍ତ ଖାଦାନ ପାଣିରେ ବୁଡି ଦୁଇ ସାଙ୍ଗ ନିଖୋଜ। ନିଖୋଜ ଦୁଇ ଛାତ୍ରଙ୍କ ମୃତଦେହ ଉଦ୍ଧାର। ଶନିବାର ରାତି ୧୦ଟା ପରେ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର ଅଭିଯାନକୁ ସ୍ଥଗିତ ରଖିଥିଲେ। ତେବେ ରବିବାର ସକାଳୁ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ମୃତ ୨ଜଣ ହେଲେ ଫକୀର ମୋହନ କଲେଜ ବାଣିଜ୍ୟ ବିଭାଗର ଭବେଶ ପାତ୍ର, ଅଂଶୁମାନ ପାତ୍ର। ସୂଚନା ଅନୁସାରେ ତିନି ଜଣ ସାଙ୍ଗ ଗାଧୋଇବାକୁ ନୀଳଗିରି ମଛୁଆ ସ୍ଥିତ ପରିତ୍ୟକ୍ତ ଖାଦାନକୁ ଗାଧୋଇବାକୁ ଆସିଥିଲେ। ଗାଧୋଇବା ବେଳେ ୨ଜଣ ସାଙ୍ଗ ବୁଡ଼ିଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଓ ପରେ ଓଡ୍ରାଫ ଟିମ ପହଚିଂ ଖୋଜାଖୋଜି କରିଥିଲେ। ରାତିଯାଏଁ ଉଦ୍ଧାର ଅଭିଯାନ ଚାଲିଥିଲା, କିନ୍ତୁ ୨ନିଖୋଜ ଛାତ୍ରଙ୍କୁ ଉଦ୍ଧାର କରାଯାଇ ପାରିନଥିଲା।

## ପୁଣି ସକାଳୁ ସକାଳୁ ଥରିଲା ଜାପାନ:



### ୫.୯ ତୀବ୍ରତାଯୁକ୍ତ ଭୂମିକମ୍ପରେ ୨୩ ଆହତ

ଟୋକିଓ,୨୩/୮: ପୁଣିଥରେ ରବିବାର ସକାଳେ ଜାପାନରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୯ ମାପ କରାଯାଇଛି। ରାଜଧାନୀ ଟୋକିଓ ସମେତ ପୂର୍ବ ଜାପାନର ଅନେକ ଅଚଂଳରେ ଏହାର ପ୍ରଭାବ ଅନୁଭୂତ ହୋଇଛି। ଅଧିକାରୀଙ୍କ ଅନୁଯାୟୀ, ଭୂମିକମ୍ପରେ ୨୩ ଜଣ ଆହତ ହୋଇଛନ୍ତି। ଭୂମିକମ୍ପ ପରେ କୌଣସି ସୁନାମି ସତର୍କ ସୂଚନା ଜାରି ହୋଇନାହିଁ। ଜାପାନ ପାଣିପାଗ ସଂସ୍ଥା ଅନୁଯାୟୀ, ଭୂମିକମ୍ପ ଦକ୍ଷିଣ ଇବାରାକି ପ୍ରଦେଶରେ ଘଟିଛି। ଏହାର କେନ୍ଦ୍ରସ୍ଥଳ ଭୂମି ତଳେ ପ୍ରାୟ ୭୦ କିଲୋମିଟର ଗଭୀରରେ ଥିଲା। ଏହି ଅଚଂଳ ଜାପାନର ସର୍ବାଧିକ ଭୂମିକମ୍ପପ୍ରବଣ ଅଚଂଳ ମଧ୍ୟରୁ ଗୋଟିଏ। ଅଧିକାରୀଙ୍କ ଅନୁଯାୟୀ, ଚାରୋଟି ପ୍ରଦେଶରେ ମୋଟ ୨୩ ଜଣ ଆହତ ହୋଇଥିବା ରିପୋର୍ଟ କରାଯାଇଛି। ସାଇତାମାରେ ନଅ ଜଣ, କାନାଗାୱାରେ ନଅ ଜଣ, ଚିବାରେ ଚାରି ଜଣ ଏବଂ ଇବାରକିରେ ଜଣେ ଆହତ ହୋଇଛନ୍ତି। ଭୂମିକମ୍ପ ସମୟରେ ଲୋକେ ଘରେ ଶୋଇଥିଲେ। ହଠାତ୍ ଭୂମିକମ୍ପ ଯୋଗୁଁ ଲୋକମାନେ ଆତଙ୍କିତ ହୋଇ ଘରୁ ବାହାରକୁ ବାହାରିବା ସମୟରେ ଆହତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ କାନାଗାୱାର ୟୋକୋହାମାରେ ଜଣେ ବୟସ୍କା ମହିଳା ଗୁରୁତର ଆହତ ହୋଇଛନ୍ତି। ଭୂମିକମ୍ପ ଯୋଗୁଁ ଟୋକିଓ ଏବଂ ନାରିତା ବିମାନବନ୍ଦର ମଧ୍ୟରେ ଏକ୍ସପ୍ରେସ ଟ୍ରେନ୍‌ଗୁଡ଼ିକ ନିଜ ନିଜ ଗନ୍ତବ୍ୟ ପଥରେ ବିଳମ୍ବରେ ଚାଲୁଛନ୍ତି। ଉତର-ପୂର୍ବ ଅଚଂଳର କିଛି ସ୍ଥାନୀୟ ଟ୍ରେନ୍ ମଧ୍ୟ ପ୍ରଭାବିତ ହୋଇଛି। ପୂର୍ବ ଜାପାନ ରେଳବାଇ ଅନୁଯାୟୀ, ଶିଙ୍କାନସେନ ବୁଲେଟ ଟ୍ରେନ୍ ସେବା ସାଧାରଣ ଭାବରେ ଜାରି ରହିଛି। ଜାପାନ ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରିଛନ୍ତି ଯେଉଁଥିରେ କୁହାଯାଇଛି ଯେ ସରକାର ସମ୍ଭାବ୍ୟ କ୍ଷୟକ୍ଷତିର ଆକଳନ କରିବା ପାଇଁ ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି। ଭୂମିକମ୍ପ ପରେ ମୋବାଇଲ୍ ଫୋନ୍‌ରେ ଜରୁରୀକାଳୀନ ସତର୍କତା ଜାରି କରାଯାଇଥିଲା। ଶକ୍ତିଶାଳୀ ଭୂମିକମ୍ପରେ ଟୋକିଓର କୋଟୋ ଅଚଂଳରେ ଏକ ଭୂତଳ ଜଳ ପାଇପଲାଇନ ଫାଟି ଯାଇଛି। ଭୂମିକମ୍ପରେ ଟୋକିଓର ପ୍ରାୟ ୪୬୦ ଘର ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯାଇଛି। ଗତ ମାସରେ, ଜାପାନର କ୍ୟୁଶୁ ଦ୍ୱୀପର କୁମାମୋଟୋ ଅଚଂଳରେ ଏକ ଶକ୍ତିଶାଳୀ ୭.୧ ତୀବ୍ରତାର ଭୂମିକମ୍ପ ହୋଇଥିଲା, ଯେଉଁଥିରେ ୩୮ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୩୬୪ ଜଣ ଆହତ ହୋଇଥିଲେ।

## ଏନ୍‌ଏଚ୍-୫୫ ରାସ୍ତାର ତୁରନ୍ତ ମରାମତି ପାଇଁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଚିଠି ଲେଖିଲେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ





ଭୁବନେଶ୍ୱର/ସମ୍ବଲପୁର,୨୩/୮(ନି/ପ୍ର): ଓଡ଼ିଶାର ପ୍ରମୁଖ ପରିବହନ ଓ ଲଜିଷ୍ଟିକ୍ସ କରିଡର ଭାବେ ପରିଚିତ ୫୫ ନମ୍ବର ଜାତୀୟ ରାଜପଥର ଶୋଚନୀୟ ଅବସ୍ଥା ନେଇ ଚିନ୍ତାପ୍ରକଟ କରିଛନ୍ତି ସମ୍ବଲପୁର ସାଂସଦଧର୍ମେନ୍ଦ୍ର ପ୍ରଧାନ। ଏହି ଗୁରୁତ୍ୱପୂର୍ଣ୍ଣ ରାଜପଥର ତୁରନ୍ତ ରକ୍ଷଣାବେକ୍ଷଣ ବା ମରାମତି ସହ ଖାଲଢିପ ସମସ୍ୟାର ସମାଧାନ ପାଇଁ ସେ କେନ୍ଦ୍ର ସଡ଼କପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଏକ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି। ସାଂସଦ ଶ୍ରୀ ପ୍ରଧାନ ଚିଠିରେ ଦର୍ଶାଇଛନ୍ତି ଯେ, ସମ୍ବଲପୁର, ଅନୁଗୋଳ ଓ କଟକକୁ ଯୋଡୁଥିବା ଏନଏଚ୍- ୫୫ ହେଉଛି ରାଜ୍ୟର ଅନ୍ୟତମ ମୁଖ୍ୟ ଜୀବନରେଖା। ମାତ୍ର ଲଗାଣ ବର୍ଷା ଓ ଅତ୍ୟାଧିକ ଗାଡ଼ିର ଯାତାୟତ ଯୋଗୁଁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହେବା ସହ କିଛି ଜାଗାରେ ରାସ୍ତା ନଷ୍ଟ ହୋଇଯାଇଛି। ଏହାଫଳରେ ଯାତ୍ରୀ ଓ ପଣ୍ୟବାହୀ ଯାନବାହନ ଚଳାଚଳରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି। ଏହାଦ୍ୱାରା ସ୍ଥାନୀୟ ଜନସାଧାରଣ ଓ ନିୟମିତ ଯାତାୟାତ କରୁଥିବା ଲୋକେ ପ୍ରବଳ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ମୌସୁମୀ ଫଳରେ ବର୍ଷା ଓ ଜଳବନ୍ଦୀ ଯୋଗୁଁ ରାସ୍ତାର ଅବସ୍ଥା ଆହୁରି ସଙ୍ଗୀନ ହୋଇପଡ଼ିଛି। ପାଣି ଜମି ରହିବା ଦ୍ୱାରା ଗଭୀର ଖାଲଗୁଡ଼ିକ ଚିହ୍ନଟ କରିବା କଷ୍ଟକର ହୋଇପଡୁଛି। ରାସ୍ତାର ଦୂରାବସ୍ଥା ଯୋଗୁଁ ସଡ଼କ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଇବା ସହ ଗମନାଗମନ ଓ ଯୋଗାଯୋଗ ବାଧାପ୍ରାପ୍ତ ହେଉଛି। ଓଡ଼ିଶାର ପଶ୍ଚିମ ଓ ଉପକୂଳ ଭାଗକୁ ଯୋଡ଼ିବା ସହ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ପରିବହନ ପାଇଁ ଏହି ମୁଖ୍ୟ ସଡ଼କପଥର ଅତ୍ୟାବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ କାର୍ଯ୍ୟ କରାଯିବା ଆବଶ୍ୟକ। ବ୍ୟକ୍ତିଗତ ସ୍ତରରେ ଏହି ସମ୍ବେଦନଶୀଳ ବିଷୟକୁ ଗୁରୁତ୍ୱର ସହ ନେଇ ସମ୍ବଲପୁରରୁ କଟକ ମଧ୍ୟରେ ଥିବା ରାସ୍ତାର ତୁରନ୍ତ ମରାମତି ଏବଂ ଖାଲ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀଙ୍କୁ ଅନୁରୋଧ କରିଛନ୍ତି। ଏହି ପଦକ୍ଷେପ ସାଧାରଣ ଜନତାଙ୍କ ପାଇଁ ସୁରକ୍ଷିତ ଓ ନିରାପଦ ଯାତାୟତ ସୁନିଶ୍ଚିତ ହୋଇପାରିବ ବୋଲି ସେ କହିଛନ୍ତି।




କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ପ୍ରସ୍ତାବିତ ଜେଏସଡବ୍ଲ୍ୟୁ ଷ୍ଟିଲ୍‌ର ଗ୍ରାମସଭା ସମାପ୍ତ



କେନ୍ଦୁଝର,୨୩/୮(ନି/ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ଜେଏସଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍ ଦ୍ୱାରା ପ୍ରସ୍ତାବିତ ବାର୍ଷିକ ୫ ମିଲିୟନ ଟନ ଉତ୍ପାଦନକ୍ଷମ ସମନ୍ୱିତ ଇସ୍ପାତ କାରଖାନା ପ୍ରତିଷ୍ଠା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଟ ହାସଲ ହୋଇଛି। ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଚିହ୍ନଟ ହୋଇଥିବା ସମସ୍ତ ୧୨ଟି ଗ୍ରାମରେ ଗ୍ରାମସଭା ପ୍ରକ୍ରିୟା ସଫଳତାର ସହ ଶେଷ ହୋଇଛି। ଆଜି ଯମୁନାପୋଷୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଯମୁନାପୋଷୀ ଗ୍ରାମରେ ଆୟୋଜିତ ଗ୍ରାମସଭା ସହିତ ଅନ୍ୟ ସମସ୍ତ ଗ୍ରାମଗୁଡ଼ିକରେ ଏହି ପ୍ରକ୍ରିୟା ସଫଳତାପୂର୍ବକ ସମ୍ପୂର୍ଣ୍ଣ ହୋଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ ତଥା ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକରଙ୍କ ନେତୃତ୍ୱରେ ପୋଲିସ ପ୍ରଶାସନର ସହଯୋଗରେ କେନ୍ଦୁଝର ଜିଲ୍ଲା ପ୍ରଶାସନର ଦ୍ରୁତ, ସମନ୍ୱିତ ଏବଂ ବ୍ୟାପକ ପ୍ରୟାସ ଯୋଗୁଁ ଏହି ସଫଳତା ମିଳିଛି। ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି ପ୍ରକ୍ରିୟାକୁ ସୁଗମ କରାଯାଇଥିଲା। ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ ଦଣ୍ଡପାଟ, ସ୍ୱତନ୍ତ୍ର ଭୂ-ଅର୍ଜନ ସେଲର ଅଧିକାରୀ ରଞ୍ଜିତ କୁମାର ଦାଶ, ତ୍ରିଭୁବନ ଦାସ, ପ୍ରଦ୍ୟୁମ୍ନ କୁମାର ଜେନା ଓ ଅନ୍ୟ ରାଜସ୍ୱ କର୍ମଚାରୀଙ୍କ ସମନ୍ୱିତ ପ୍ରୟାସ ଯୋଗୁଁ ବୈଧାନିକ ଗ୍ରାମସଭା ପ୍ରକ୍ରିୟା ଶୃଙ୍ଖଳିତ ଓ ସଫଳତାର ସହ ସମାପ୍ତ ହୋଇପାରିଛି। ଗ୍ରାମସଭା ପ୍ରକ୍ରିୟାର ସମାପ୍ତି ପ୍ରସ୍ତାବିତ ଇସ୍ପାତ କାରଖାନାକୁ ଆଗକୁ ନେବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି, ଯାହା ଜିଲ୍ଲାରେ ଶିଳ୍ପାୟନ, ନିଯୁକ୍ତି ସୁଯୋଗ ସୃଷ୍ଟି, ଅର୍ଥନୈତିକ କାର୍ଯ୍ୟକଳାପ ଏବଂ ସାମଗ୍ରିକ ବିକାଶକୁ ବେଗବାନ କରିବ ବୋଲି ଆଶା କରାଯାଉଛି। ଆବଶ୍ୟକ ବୈଧାନିକ ଏବଂ ଆଇନଗତ ପ୍ରକ୍ରିୟା ସମାପ୍ତ ହେବା ପରେ, ଏହି ପ୍ରକଳ୍ପ କେନ୍ଦୁଝର ପାଇଁ ଶିଳ୍ପ ଅଭିବୃଦ୍ଧି ଏବଂ ନୂତନ ସୁଯୋଗର ଏକ ପ୍ରତୀକ ସାଜିବ। ଗ୍ରାମସଭା ପ୍ରକ୍ରିୟା ଶେଷ ହେବା ପରେ, ଜମି ଅଧିଗ୍ରହଣ, ପୁନର୍ବାସ ଓ ସ୍ଥାନାନ୍ତରଣ କ୍ଷେତ୍ରରେ ନ୍ୟାୟୋଚିତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର ଅଧିନିୟମ, ୨୦୧୩ର ପ୍ରଯୁଜ୍ୟ ବ୍ୟବସ୍ଥା ଅନୁଯାୟୀ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଆରମ୍ଭ କରାଯାଉଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଧାରା ୪(୧) ଅନୁଯାୟୀ ଆବଶ୍ୟକୀୟ ବିଜ୍ଞପ୍ତି ପାଇବ, ଯାହା ପରେ ସାମାଜିକ ପ୍ରଭାବ ଆକଳନ ଅନୁଧ୍ୟାନ ଏବଂ ଜମି ଅଧିଗ୍ରହଣ ସମ୍ବନ୍ଧୀୟ ଅନ୍ୟାନ୍ୟ ବୈଧାନିକ ପ୍ରକ୍ରିୟା ଆରମ୍ଭ କରାଯିବ। ସମସ୍ତ ୧୨ଟି ଗ୍ରାମରେ ଗ୍ରାମସଭାର ସଫଳ ସମାପ୍ତି କେନ୍ଦୁଝର ଜିଲ୍ଲା ପ୍ରଶାସନର ସକ୍ରିୟ, ସମୟବଦ୍ଧ ଏବଂ ଫଳାଫଳ-ଆଧାରିତ ଆଭିମୁଖ୍ୟର ପ୍ରମାଣ ଦେଉଛି। ଏହା ପ୍ରସ୍ତାବିତ ମେଗା ଇସ୍ପାତ ପ୍ରକଳ୍ପକୁ ନୂତନ ଗତି ପ୍ରଦାନ କରିବା ସହ ସ୍ଥାୟୀ ଶିଳ୍ପ ଏବଂ ଆର୍ଥିକ ଅଭିବୃଦ୍ଧି ଆଡ଼କୁ ଜିଲ୍ଲାର ଯାତ୍ରାକୁ ଅଧିକ ମଜବୁତ କରିଛି।

# ଶିକ୍ଷକ ପଦବୀ ପୂରଣ ଦାବିରେ ଅଭିଭାବକଙ୍କ ତାଲା ବନ୍ଦ ଆନ୍ଦୋଳନ

ଚମ୍ପୁଆ, ୨୩/୮(ନି/ପ୍ର): ଚମ୍ପୁଆ ବ୍ଲକ ରଜିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ଦାବୀରେ ଅଭିଭାବକମାନେ ତାଲାବନ୍ଦ ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଛି । ଉକ୍ତ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାରୁ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଏଠାରେ ଶିକ୍ଷକ ପଦବୀ ପୂରଣ ଦାବୀରେ ସ୍କୁଲ ଗେଟରେ ଅଭିଭାବକ ତାଲା ପକାଇଥିବା ଜଣାପଡିଛି । ଚମ୍ପୁଆ ବ୍ଲକ ଦୋଳିତା ସ୍ଥିତ ରଜିଆ ଗ୍ରାମ ପଚାଂୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବାହାରେ ଆଜି ତାଲା ପକାଇ ପ୍ରତିବାଦ କରିଛନ୍ତି । ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏଁ ୨୫୯ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ବିଦ୍ୟାଳୟରେ ମାତ୍ର ୪ ଜଣ ଶିକ୍ଷକ ଅଛନ୍ତି । ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପାଇଁ ଜଣେ ହେଲେ ଶିକ୍ଷକ ନିଯୁକ୍ତି ହୋଇନଥିବା ବେଳେ ନବମ ଓ ଦଶମ ଶ୍ରେଣୀ ପାଇଁ ମାତ୍ର ଚାରିଜଣ ଶିକ୍ଷକ ଅଛନ୍ତି । ପିଇଟି ଓ ହିନ୍ଦୀ ଶିକ୍ଷକ ପଦବୀ ଦୀର୍ଘ ଦିନ ଧରି ଖାଲି ପଡ଼ିଛି । ଏହା ସହ ବିଦ୍ୟାଳୟର ଗଣିତ ଶିକ୍ଷକଙ୍କୁ ଦୁଇ ମାସରୁ ଅଧିକ ହେବ ଏସଆଇଆର ଡ୍ୟୁଟି ଦିଆଯାଇଥିବାରୁ ଦୁଇମାସ ହେବ ସେ ସ୍କୁଲ ଆସୁନଥିବାରୁ ଦୁଇ ମାସ ହେବ ସ୍କୁଲରେ ଗଣିତ ପାଠ ପଢା ବନ୍ଦ ରହିଛି । ଆଗକୁ ମେଟ୍ରିକ୍ ପରୀକ୍ଷା ଥିବାବେଳେ ପାଠ ପଢ଼ା ହେଇ ପାରୁନାହିଁ । ଏହାକୁ ନେଇ ଅଭିଭାବକ ଅନେକ ଥର ଶିକ୍ଷା ବିଭାଗ, ଚମ୍ପୁଆ ଉପଜିଲ୍ଲାପାଳଙ୍କୁ ଜଣାଇଥିଲେ ସୁଦ୍ଧା କେହି ଗୁରୁତ୍ୱ ଦେଉନଥିବାରୁ ଆଜି ବିଦ୍ୟାଳୟରେ ଚାବି ପକାଇଛନ୍ତି ଅଭିଭାବକ । ଫଳରେ ଛାତ୍ରଛାତ୍ରୀ ଓ ଶିକ୍ଷକ ବାହାରେ ରହିଥିବାରୁ ପାଠ ପଢା ବନ୍ଦ ରହିଥିଲା । ତୁରନ୍ତ ଏ ଦିଗରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଦୃଷ୍ଟିଦେଇ ବିଦ୍ୟାଳୟର ଶିକ୍ଷକ ସଂଖ୍ୟା ବୃଦ୍ଧି ଓ ମାଧମିକ ଶିକ୍ଷକ ନିଯୁକ୍ତି ଦେବାକୁ ଦାବୀ କରିଛନ୍ତି ।

## ପାଣିରେ ବୁଡ଼ି ୧ ମୃତ, ୧ ଗୁରୁତର

କେନ୍ଦ୍ରାପଡ଼ା,୨୩/୮(ନି/ପ୍ର):କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ମାଲୁଆ ଠାରେ ଗୋବରୀ ନଦୀରେ ଦଳ ସଫା କଲାବେଳେ ଅଘଟଣ। ପାଣିରେ ବୁଡ଼ି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ସ୍ଥାନୀୟ ମାଲୁଆ ଗାଁର ବାବୁଲି ସେଠି। ସେହିପରି ଗୁରୁତର ହୋଇ ପଡ଼ିଥିବା ବ୍ୟକ୍ତି ପୀତାମ୍ବର ସେଠି ବୋଲି ଜଣାପଡ଼ିଛି। ପୀତାମ୍ବରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଡ୍ରେନେଜ ବିଭାଗ ପକ୍ଷରୁ ନିୟୋଜିତ କଂଟ୍ରାକ୍ଟର ମାଲୁଆ ଗାଁ ନିକଟରେ ଗୋବରୀ ନଦୀରୁ ଦଳ ସଫା କରିବା ପାଇଁ ପ୍ରାୟ ୮ ଜଣଙ୍କୁ ନିୟୋଜିତ କରିଥିଲେ।

# ବିଭିନ୍ନ ମଣ୍ଡି ବୁଲିଲେ ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ



କେନ୍ଦୁଝର,୨୩/୮(ନି/ପ୍ର): ଓଡ଼ିଶାର ଚାଷୀ ଦରଦୀ ଲୋକପ୍ରିୟ ଯଶସ୍ୱୀ ମୁଖ୍ୟମନ୍ତ୍ରୀ ଶ୍ରୀମାନ ମୋହନ ଚରଣ ମାଝି ଚାଷୀମାନଙ୍କ ଆୟକୁ ଦୁଇଗୁଣା କରିବା ପାଇଁ ବ୍ୟାପକ କୃଷକ କଲ୍ୟାଣକାରୀ ଯୋଜନା କରୁଛନ୍ତି। ଚଳିତ ବର୍ଷ ଖରିଫ୍ ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ ବ୍ୟବସ୍ଥାକୁ ସରଳୀକରଣ କରିଛନ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସବଡିଭିଜନରେ ଅଗଷ୍ଟ ୧୦ ତାରିଖ ଠାରୁ ଧାନ ସଂଗ୍ରହ ପଞ୍ଜୀକରଣ ଆରମ୍ଭ ହୋଇଛି। ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ମହେଶ୍ୱର ସାହୁ ଆଜି ଶୈଲଙ୍ଗ, ଖାଲିଆମେଂଟା, ଭଣ୍ଡାରିଡିହା, ଦେଓଗାଁ, ମଦନପୁର, ଖଲଣା, ବାତୋ ଓ ବେଲବାହାଲି ପ୍ରଭୃତି ସେବା ସମବାୟ ସମିତି ବୁଲି ପରିଦର୍ଶନ କରିବା ସହିତ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ରାଜ୍ୟ ସରକାର ପଞ୍ଜୀକରଣକୁ ସରଳୀ କରଣ କରିଥିବାରୁ ଚାଷୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଧନ୍ୟବାଦ ଜଣାଇବା ସହିତ ଆନନ୍ଦ ପ୍ରକାଶ କରିଥିଲେ। ସର୍ଭର ନେଟୱାର୍କ ଡାଉନ ରହୁଥିବାରୁ ପଞ୍ଜୀକରଣରେ ଅହେତୁକ ବିଳମ୍ବ ହେଉଥିବା ଚାଷୀମାନେ ଚାଷୀ ନେତା ଶ୍ରୀ ମହେଶ୍ୱର ସାହୁଙ୍କ ଠାରେ ପ୍ରକାଶ କରିଥିଲେ। ଏ ବିଷୟରେ ଉଚ୍ଚସ୍ତରୀୟ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପରିଦର୍ଶନ ସମୟରେ ଶ୍ରୀ ବିକାଶ ଚନ୍ଦ୍ର ଜେନା, ବିପିନି କୁମାର ଜେନା, ବାମନ ଚରଣ ଭୂୟାଁ, ରୂପ ମହାରଣା, ପ୍ରଣବ ପୁହାଣ, ରାଧେଶ୍ୟାମ ରଣା, ରବିନ୍ଦ୍ର କୁମାର ପଣ୍ଡା, ସନ୍ତୋଷ କୁମାର ସ୍ୱାଇଁ, ବୁଲୁ ପଟ୍ଟନାୟକ, ତୀର୍ଥ ଜେନା, ପ୍ରାଣବନ୍ଧୁ ସାହୁ, ରାଜେନ୍ଦ୍ର କୁମାର ସାହୁ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

# ଗୁରୁଜାଙ୍ଗ ହେବ 'ଐତିହ୍ୟ ଗ୍ରାମ' ଓ 'ଆଦର୍ଶ ପଚାଂୟତ'



ଅନୁଗୋଳ,୨୩/୮(ନି/ପ୍ର): ତାଳଚେରର ଗୁରୁଜାଙ୍ଗଠାରେ ଆଜି ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜୀଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇଛନ୍ତି । ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱାମୀଜୀଙ୍କ ସ୍ମୃତିପୂତ ଗୁରୁଜାଙ୍ଗ ଗ୍ରାମକୁ 'ଐତିହ୍ୟ ଗ୍ରାମ' ଏବଂ ଗୁରୁଜାଙ୍ଗ ପଚାଂୟତକୁ 'ଆଦର୍ଶ ପଚାଂୟତ' ଭାବେ ବିକଶିତ କରାଯିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସଭାକୁ ସମ୍ବୋଧିତ କରି ସେ ସ୍ୱାମୀଜୀଙ୍କୁ ସମାଜର 'ଗୁରୁ, ଗ୍ରନ୍ଥ ଏବଂ ଗରିମା' ଭାବେ ଅଭିହିତ କରିଥିଲେ। ସେ କହିଥିଲେ ଯେ, ସ୍ୱାମୀଜୀ କନ୍ଧମାଳର ଦୁର୍ଗମ ଅଚଂଳରେ ଚକାପାଦ ଓ ଜଲେଶପଟା ଆଶ୍ରମ ପ୍ରତିଷ୍ଠା କରି ବନବାସୀ ଝିଅମାନଙ୍କୁ ସଂସ୍କୃତ ଶିକ୍ଷା ଓ ସଂସ୍କାରରେ ସ୍ୱାବଲମ୍ବୀ କରିଥିଲେ। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ' ଆଦର୍ଶ ମଧ୍ୟରେ ସ୍ୱାମୀଜୀଙ୍କ ଅନ୍ତ୍ୟୋଦୟ ବିଚାରଧାରା ନିହିତ ଅଛି ବୋଲି ସେ କହିଥିଲେ। ମାନ୍ୟବର ଓଡ଼ିଶା ବିଧାନସଭା ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଆଧ୍ୟାତ୍ମିକ ଓ ସାମାଜିକ ଅବଦାନର ସ୍ମୃତିଚାରଣ କରିବା ସହ ତାଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିବାକୁ ସମାଜକୁ ଆହ୍ୱାନ ଦେଇଥିଲେ। ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ମାନ୍ୟବର ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସମାରୋହରେ ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସ୍ୱାଗତ ଜଣାଇ ସ୍ୱାମୀଜୀଙ୍କ ଅବଦାନ ଦ୍ୱାରା ଅଚଂଳର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗୌରବ ଆହୁରି ବୃଦ୍ଧି ପାଇବ ବୋଲି କହିଥିଲେ। ଏହି ଉତ୍ସବରେ ମାନ୍ୟବର ଗ୍ରାମ୍ୟ ଉନ୍ନୟନ ,ପଚାଂୟତରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ, ମାନ୍ୟବର ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି, ମାନ୍ୟବର କନ୍ଧମାଳ ସାଂସଦ ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ମାନ୍ୟବର ପାଲଲହଡ଼ା ବିଧାୟକ ଶ୍ରୀ ଅଶୋକ ମହାନ୍ତି, ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ମାନ୍ୟବର ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା, ମାନ୍ୟବର ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ, ମାନ୍ୟବର ପରଜଙ୍ଗ ବିଧାୟକ ଶ୍ରୀ ବିଭୂତି ଭୂଷଣ ପ୍ରଧାନ, ମାନ୍ୟବର ହିନ୍ଦୋଳ ବିଧାୟିକା ଶ୍ରୀମତୀ ସୀମାରାଣୀ ନାୟକ ପ୍ରମୁଖ ଜନପ୍ରତିନିଧି ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଉତ୍ତର କେନ୍ଦ୍ରାଂଚଳ ଆଇଜି ଶ୍ରୀ ସତ୍ୟବ୍ରତ ଭୋଇ, ଜିଲ୍ଲାପାଳ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍‌ତର, ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାହୁଲ ଜୈନଙ୍କ ସମେତ ବହୁ ସାଧୁସନ୍ଥ, ମାନ୍ୟଗଣ୍ୟ ଅତିଥି , ଜିଲ୍ଲା ସ୍ତରୀୟ ଅଧିକାରୀ ,ଗଣମାଧ୍ୟମ ପ୍ରତିନିଧି ଓ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ବିଶ୍ୱାମ୍ ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ବଲାଙ୍ଗୀର,୨୩/୮(ନି/ପ୍ର): ବିଶ୍ୱାମ୍ ବିଦ୍ୟା ମନ୍ଦିର, ଆନନ୍ଦ ନିକେତନ, ଖୁଜେନପାଲି ପରିସରରେ ଆଜି ବିଶ୍ୱାମ୍ ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ହର୍ଷୋଲ୍ଲାସ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟା ମନ୍ଦିରର ପ୍ରତିଷ୍ଠାତା ପୂଜ୍ୟପାଦ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଜୀ ମହାରାଜ ଉପସ୍ଥିତ ରହି ଛାତ୍ରଛାତ୍ରୀ ଓ ଉପସ୍ଥିତ ଅଧ୍ୟାପକ-ଅଧ୍ୟାପିକାମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ବିଦ୍ୟା ମନ୍ଦିରର ସଭାପତି ପୂଜ୍ୟ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ ଜୀ, ପ୍ରାଚାର୍ଯ୍ୟ ଡଃ ସୁଶାନ୍ତ କୁମାର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ତ୍ରିପାଠୀ, ଆଡ଼ମିଶନ୍ ଇନ୍‌ଚାର୍ଜ ନଟରାଜ ଠାକୁରଙ୍କ ସମେତ ସମସ୍ତ ଅଧ୍ୟାପକ-ଅଧ୍ୟାପିକା, କାର୍ଯ୍ୟକର୍ତ୍ତା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଶୀର୍ବଚନରେ ପୂଜ୍ୟପାଦ ଶ୍ରୀ ସ୍ୱାମୀଜୀ ମହାରାଜ କହିଥିଲେ ଯେ, "ବିଦ୍ୟା ମନୁଷ୍ୟକୁ ବିନୟୀ କରେ। କେବଳ ଶିକ୍ଷିତ କରିବା ନୁହେଁ, ସମାଜରେ ଆଦର୍ଶ, ନୈତିକ ଓ ଦାୟିତ୍ୱବାନ ମନୁଷ୍ୟ ଗଢ଼ି ତୋଳିବା ହେଉଛି ବିଦ୍ୟା ମନ୍ଦିରର ମୂଳ ଲକ୍ଷ୍ୟ।" ତାଙ୍କର ଏହି ପ୍ରେରଣାଦାୟକ ବାଣୀ ଛାତ୍ରଛାତ୍ରୀଙ୍କ ମନରେ ନୂତନ ଉତ୍ସାହ ଓ ଆତ୍ମବିଶ୍ୱାସ ସୃଷ୍ଟି କରିଥିଲା। ଉତ୍ସବ ଅବସରରେ ବିଦ୍ୟାଳୟର ନବାଗତ ଛାତ୍ରଛାତ୍ରୀମାନଙ୍କୁ ପୂଜ୍ୟପାଦ ଶ୍ରୀ ସ୍ୱାମୀଜୀଙ୍କ କରକମଳରେ ଲେଖନୀ ଓ ମିଷ୍ଟାନ୍ନ ପ୍ରଦାନ କରାଯାଇଥିଲା। ଶିକ୍ଷା ସହିତ ମୂଲ୍ୟବୋଧ, ଶୃଙ୍ଖଳା, ସଂସ୍କାର ଓ ଆଧ୍ୟାତ୍ମିକ ଚେତନାର ସମନ୍ୱୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ବିଦ୍ୟାଳୟର ପ୍ରତିବଦ୍ଧତାକୁ ଏହି ଉତ୍ସବ ପ୍ରତିଫଳିତ କରିଥିଲା।

# କୋଡ଼ିଙ୍ଗା ପୋଲିସର ବଡ଼ ସଫଳତା

## ୩ ଗଞ୍ଜେଇ ମାଫିଆଙ୍କୁ ଧରିବା ସହ ୩୩ କିଲୋ ୭୧୦ ଗ୍ରାମ ଗଞ୍ଜେଇ ଜବତ



ନବରଙ୍ଗପୁର,୨୩/୮(ନି/ପ୍ର): ନବରଙ୍ଗପୁର ଜିଲ୍ଲାର କୋଡ଼ିଙ୍ଗା ପୋଲିସକୁ ମିଳିଛି ବଡ଼ ସଫଳତା। ଚୋରା ଗଞ୍ଜେଇ ଚାଲାଣ ବେଳେ ଚଢ଼ାଉ କରି ୩୩ କିଲୋ ୭୧୦ ଗ୍ରାମ ଗଞ୍ଜେଇ ଜବତ ସହ ତିନି ଅଭିଯୁକ୍ତ ଙ୍କୁ ଧରି କୋର୍ଟ ଚାଲାଣ କରିଛି ପୋଲିସ। ପୋଲିସର ସୂଚନା ପ୍ରକାରେ ଗନବରଙ୍ଗପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗତକାଲି ରାତିରେ କୋଡ଼ିଙ୍ଗା ଥାନା ଅଧୀନ କର୍ଚ୍ଚାମାଲ ଗାଁ ନିକଟରେ ଏହି ଚଢ଼ାଉ କରିଥିବା ଦେଖିବାକୁ ମିଳିଛି। ଚଢ଼ାଉ ସମୟରେ ସିଲଭର୍ ରଙ୍ଗର ଏକ ବୋଲେରୋ ଗାଡ଼ି, ଗାଡି ନମ୍ବର ଢଜ୧୦ର୍୮୩୪୫, କୁ ଅଟକାଇ ଯାଚଂ କରିବା ବେଳେ ଗାଡ଼ି ଭିତରୁ ମୋଟ ୩୩ କିଲୋ ୭୧୦ ଗ୍ରାମ ଚୋରା ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ସହିତ ୧୪ଟି ଜରି ବ୍ୟାଗ୍, ଯେଉଁଥିରେ ଧାନ ନଡ଼ା ଓ ଭଙ୍ଗା ଇଟା ରହିଥିଲା, ସେଗୁଡ଼ିକୁ ମଧ୍ୟ ପୋଲିସ ଜବତ କରିଛି। ଏହା ସହିତ ଏକ ହଜାର କୁଡ଼ିଏ ଟଙ୍କା ନଗଦ ଏବଂ ୩ଟି ମୋବାଇଲ୍ ଫୋନ୍ ମଧ୍ୟ ଜବତ କରିଛି ପୋଲିସ। ଏହି ଘଟଣାରେ ତିନି ଜଣମୁଖ୍ୟ ଅଭିଯୁକ୍ତ ଙ୍କୁ ପୋଲିସ ଧରି ଆଜି କୋର୍ଟ ଚାଲାଣ କରିଥିବା ନେଇ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଲେ ପାପଡାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କେଣ୍ଡେଲକେଲ । ତିନି ଅଭିଯୁକ୍ତ କୋରାପୁଟ ଜିଲ୍ଲାର ଜୟପୁର ଟାଉନ୍, ଜୟପୁର ସଦର ଏବଂ ବୈପାରୀଗୁଡ଼ା ଥାନା ଅଞ୍ଚଳର ବୋଲି ସେ ସୂଚନା ଦେଇଛନ୍ତି। ଏହି ଚଢ଼ାଉ କୋଡ଼ିଙ୍ଗା ଥାନା ଅଧିକାରି ଦୀପକ କୁମାର ଜେନାଙ୍କ ନେତୃତ୍ୱରେ ତିନି ଥାନା ଯଥା କୋଡ଼ିଙ୍ଗା ପାପଡାହାଣ୍ଡି ଏବଂ ମୈଦଲପୁର ତରଫରୁ ମିଳିତ ଭାବେ ସ୍ୱତନ୍ତ୍ର ଟିମ ଗଠନ କରି କରାଯାଇଥିବା ଜଣାପଡିଛି। ଘଟଣାକୁ ନେଇ କୋଡ଼ିଙ୍ଗା ଥାନାରେ କେସ୍ ନମ୍ବର ୧୭୯/ ୨୬ , ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଛି। ତେବେ ଚୋରା ଗଞ୍ଜେଇ କେଉଁଠାରୁ ଆସିଥିଲା ଏବଂ କେଉଁଠାକୁ ଚାଲାଣ ହେଉଥିଲା, ଏହି ଗଂଜେଇ ଚାଲାଣ ପଛରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ସେନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ଚୋରା ନିଶା କାରବାର ବିରୋଧରେ କୋଡ଼ିଙ୍ଗା ପୋଲିସର ଏହି କଡ଼ା କାର୍ଯ୍ୟାନୁଷ୍ଠାନ ଅଚଂଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଜିଲ୍ଲା ଏସ୍‌ପି ଓ ରେଞ୍ଜ ଆଇଜି/ ଡିଆଇଜିଙ୍କ ସହ ଡିଜିପିଙ୍କ ଭିଡିଓ କନ୍‌ଫରେନ୍ସ ବୈଠକ

କଟକ/ ଭୁବନେଶ୍ୱର,୨୩/୮(ନି/ପ୍ର):ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଶୁକ୍ରବାର ପୂର୍ବାହ୍ନରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟର ଆଇନ-ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ପୋଲିସ ବ୍ୟବସ୍ଥା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟର ସମସ୍ତ ରେଞ୍ଜର ଆଇଜି/ ଡିଆଇଜି ଏବଂ ସମସ୍ତ ଜିଲ୍ଲାର ଏସ୍‌ପିମାନେ ବୈଠକରେ ଯୋଗଦେଇଥିଲେ। ବୈଠକରେ ରାଜ୍ୟର ବର୍ତ୍ତମାନର ଆଇନ-ଶୃଙ୍ଖଳା ପରିସ୍ଥିତି, ଅପରାଧ ଦମନ ଓ ନିୟନ୍ତ୍ରଣ, ସମ୍ବେଦନଶୀଳ ଅଂଚଳ ଚିହ୍ନଟ, ଗୁରୁତ୍ୱପୂର୍ଣ୍ଣ ଅପରାଧର ସମୀକ୍ଷା, ଜନସାଧାରଣଙ୍କୁ ଉତ୍ତମ ପୋଲିସ ସେବା ପ୍ରଦାନ ଏବଂ ବିଭିନ୍ନ ପ୍ରଶାସନିକ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଥାନାକୁ ଅଭିଯୋଗ ନେଇ ଆସୁଥିବା ପ୍ରତ୍ୟେକ ନାଗରିକଙ୍କୁ ଧୈର୍ଯ୍ୟର ସହ ଶୁଣିବା, ସମ୍ମାନଜନକ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର କରିବା ଏବଂ ଅଭିଯୋଗର ନିରପେକ୍ଷ ଓ ତ୍ୱରିତ ତଦନ୍ତ ନିଶ୍ଚିତ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ। ପୋଲିସ ଅଧିକାରୀ ଓ କର୍ମଚାରୀମାନେ ନିୟମିତ ଭାବେ ନିଜ କାର୍ଯ୍ୟାଳୟରେ ଉପସ୍ଥିତ ରହି ଦାୟିତ୍ୱ ତୁଲାଇବା ସହ ଥାନାଗୁଡ଼ିକର କାର୍ଯ୍ୟପ୍ରଣାଳୀ ଓ ଜନସାଧାରଣଙ୍କୁ ମିଳୁଥିବା ପୋଲିସ ସେବାରେ ଅଧିକ ସୁଧାର ଆଣିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏସ୍‌ଡିପିଓମାନେ ନିୟମିତ ଭାବେ ଅଧୀନସ୍ଥ ଥାନାଗୁଡ଼ିକ ପରିଦର୍ଶନ କରି କାର୍ଯ୍ୟର ତଦାରଖ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଅଗଷ୍ଟରୁ ନଭେମ୍ବର ମଧ୍ୟରେ ପ୍ରଫେଟ୍ ମହମ୍ମଦଙ୍କ ଜନ୍ମଦିନ, ଜନ୍ମାଷ୍ଟମୀ, ଗଣେଶ ପୂଜା, ନୂଆଖାଇ, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, ଦୀପାବଳି/ କାଳୀପୂଜା, ଅଁଳା ନବମୀ, ଫଂଚୁକ ଓ ବାଲିଯାତ୍ରା ଭଳି ବିଭିନ୍ନ ପର୍ବପର୍ବାଣୀ ଅନୁଷ୍ଠିତ ହେବ। ଏହି ପର୍ବଗୁଡ଼ିକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ପାଳନ ପାଇଁ ଆଗୁଆ ସୁରକ୍ଷା ପ୍ରସ୍ତୁତି ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ସମ୍ବେଦନଶୀଳ ସ୍ଥାନରେ ପର୍ଯ୍ୟାପ୍ତ ପୋଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା, ଶାନ୍ତି କମିଟି ବୈଠକ ଏବଂ ସ୍ଥାନୀୟ ଲୋକପ୍ରତିନିଧି ଓ ବିଭିନ୍ନ ଗୋଷ୍ଠୀଙ୍କ ସହ ନିରନ୍ତର ସମନ୍ୱୟ ରକ୍ଷା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସାମ୍ପ୍ରଦାୟିକ ଭାବେ ସମ୍ବେଦନଶୀଳ ଅଚଂଳରେ ନିରନ୍ତର ନଜର ରଖିବା ସହ ସମ୍ଭାବ୍ୟ ଅପ୍ରୀତିକର ଘଟଣାକୁ ଏଡ଼ାଇବା ପାଇଁ ଆଗୁଆ ପ୍ରତିଷେଧମୂଳକ ପଦକ୍ଷେପ ନେବାକୁ ସେ କହିଥିଲେ। ଅପରାଧ ନିୟନ୍ତ୍ରଣ ଦିଗରେ ଅଭ୍ୟାସଗତ ଅପରାଧୀ ଓ ସଂଗଠିତ ଅପରାଧୀଙ୍କ ବିରୋଧରେ କଡ଼ା ଓ ଦୃଢ଼ ଆଇନଗତ ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ବେଆଇନ ଗୋରୁ ପରିବହନ ଓ ବେଆଇନ ବାଣ ପ୍ରସ୍ତୁତି ରୋକିବା ପାଇଁ ନାକା ଚେକିଂ ଓ ପାଟ୍ରୋଲିଂ ବୃଦ୍ଧି କରିବା ସହ ବେଆଇନ ଖଣିଜ ଉତୋଳନ ଓ ପରିବହନ ବିରୋଧରେ ନିୟମିତ ଚଢ଼ାଉ, ଯାନବାହନ ଯାଂଚ ଏବଂ ଉଲ୍ଲଂଘନକାରୀଙ୍କ ବିରୋଧରେ ତ୍ୱରିତ ଆଇନଗତ ପଦକ୍ଷେପ ନେବାକୁ ସେ କହିଥିଲେ।

# ମୁଣ୍ଡ ବିହୀନ ଶବ ପୋଖରୀରୁ ଉଦ୍ଧାର, କଟା ମୁଣ୍ଡ ଓ ବ୍ୟବହୃତ ଅସ୍ତ୍ର ଜବତ ହତ୍ୟାକାରୀ ଗିରଫ କୋର୍ଟ ଚଲାଣ

ବଲାଙ୍ଗୀର,୨୩/୮(ନି/ପ୍ର): ମୁଣ୍ଡ ବିହୀନ ଶବ ପୋଖରୀରୁ ଉଦ୍ଧାର, କଟା ମୁଣ୍ଡ ଓ ବ୍ୟବହୃତ ଅସ୍ତ୍ର ଜବତ ହତ୍ୟାକାରୀ ଗିରଫ ଆଜି କୋର୍ଟ ଚଲାଣ। ଅଭିଯୋଗକାରୀ କପିଳ ବାଗ ଜଣାଇଥିଲେ ଯେ ତାଙ୍କ ଭିଣୋଇ ସନ୍ତୋଷ ଖରସେଲ(ଯିଏ ତୁସୁରା ଥାନା ଅନ୍ତର୍ଗତ ଟେପ୍ରାମୁଣ୍ଡା ଗ୍ରାମର ବାସିନ୍ଦା) ୧୮.୦୮.୨୦୨୬ ତାରିଖ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଘରୁ ବାହାରି ଆଉ ଫେରି ନଥିଲେ। ଖୋଜାଖୋଜି ସମୟରେ ଜଣାପଡ଼ିଥିଲା ଯେ ତାଙ୍କୁ ଦେଓଗାଁ ଥାନା ଅନ୍ତର୍ଗତ ବାଗଡ଼ା ଗ୍ରାମର ବାସିନ୍ଦା ଶତ୍ରୁଘ୍ନ ସାହୁଙ୍କ ସହ ଦେଖାଯାଇଥିଲା। ୨୦.୦୮.୨୦୨୬ ତାରିଖରେ ଖବର ମିଳିଥିଲା ଯେ ବାଗଡ଼ା ଗ୍ରାମର ଏକ ଜଳାଧାର (ୱାଟର ଟ୍ୟାଙ୍କ) ନିକଟସ୍ଥ ପୋଖରୀରେ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ମୃତଦେହ ଭାସୁଛି। ପରବର୍ତ୍ତୀ ସମୟରେ ମୃତଦେହଟି ସନ୍ତୋଷ ଖରସେଲଙ୍କର ବୋଲି ଚିହ୍ନଟ କରାଯାଇଥିଲା। ମୃତଦେହର ମୁଣ୍ଡ ନଥିବାରୁ ହତ୍ୟାକାଣ୍ଡ ଏବଂ ପ୍ରମାଣ ନଷ୍ଟ କରାଯାଇଥିବା ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଏହି ରିପୋର୍ଟ ଆଧାରରେ, ଦେଓଗାଁ ଥାନାରେ ମାମଲା ନଂ ୧୬୧(ତାରିଖ ୨୦.୦୮.୨୦୨୬) ବିଏନ୍‌ଏସ୍‌ର ଧାରା ୧୦୩(୧)/୨୩୮ ଅନୁଯାୟୀ ପଞ୍ଜୀକୃତ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତ ସମୟରେ ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ ପାଇଁ ବୈଜ୍ଞାନିକ ଦଳର ସହାୟତା ନିଆଯାଇଥିଲା। ଅପରାଧରେ ବ୍ୟବହୃତ ଅସ୍ତ୍ରକୁ ଜବତ କରାଯାଇଛି। ତଦନ୍ତରୁ ପ୍ରାଥମିକ ଭାବେ ଜଣାପଡ଼ିଛି ଯେ ଅଭିଯୁକ୍ତ ଶତ୍ରୁଘ୍ନ ସାହୁ ୧୮.୦୮.୨୦୨୬ ତାରିଖରେ ମୃତକ ସନ୍ତୋଷ ଖରସେଲଙ୍କୁ ଭେଟିଥିଲେ ଏବଂ ତା'ପରେ ତାଙ୍କୁ ନିଜ ଘରକୁ ନେଇଯାଇଥିଲେ। ରାତି ସମୟରେ ଅଭିଯୁକ୍ତ ଏକ ଲୁହା କାଟାରି ସାହାଯ୍ୟରେ ସନ୍ତୋଷ ଖରସେଲଙ୍କ ମୁଣ୍ଡ କାଟି ହତ୍ୟା କରିଥିଲେ ଏବଂ ପରେ ମୁଣ୍ଡବିହୀନ ମୃତଦେହକୁ ନିକଟସ୍ଥ ପୋଖରୀରେ ଫିଙ୍ଗି ଦେଇଥିଲେ। କଟା ମୁଣ୍ଡକୁ ସେ ନିଜ ଘର ଭିତରେ ଥିବା ଏକ ଗାତରେ ପୋତି ଲୁଚାଇ ରଖିଥିଲେ। କଟା ମୁଣ୍ଡ ଏବଂ ମୁଣ୍ଡବିହୀନ ମୃତଦେହ ଉଦ୍ଧାର କରାଯାଇଛି। ଗିରଫ ଅଭିଯୁକ୍ତ ଶତ୍ରୁଘ୍ନ ସାହୁ(୪୦), ପିତା- ସ୍ୱର୍ଗତ ବାନା ସାହୁ, ଗ୍ରାମ- ବାଗ ଠାରୁ ଆକ୍ରମଣରେ ବ୍ୟବହୃତ ଅସ୍ତ୍ର, ଅର୍ଥାତ୍ ଲୁହା କାଟାରି ଜବତ କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ସୋମବାର ୨୪ ଅଗଷ୍ଟ ୨୦୨୬**

## ଉଚ୍ଚ ଶିକ୍ଷାନୁଷ୍ଠାନରେ ଆଦର୍ଶ ଆଚରଣ ବିଧି

**ବିକ୍ରମ କେଶରୀ ବିଶ୍ୱାଳ**

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଉଚ୍ଚ ଶିକ୍ଷା କ୍ଷେତ୍ରକୁ ବିଶେଷ ଓ ବ୍ୟାପକ ଗୁରୁତ୍ୱ ଦେଇଛି । ପର୍ଯ୍ୟାପ୍ତ ବଜେଟ ସହିତ ଅନେକ ଦୂରଦୃଷ୍ଟି ସମ୍ପନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି । ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ନୈତିକ ମୂଲ୍ୟବୋଧ ନିମିନ୍ତ ଆଦର୍ଶ ଆଚରଣ ବିଧି ବ୍ୟବସ୍ଥା ସମ୍ପର୍କରେଯୋଜନା ହୋଇଛି । ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଉଛି ମହାନ ଗୁରୁ-ଶିଷ୍ୟ, ଶିକ୍ଷକ ଛାତ୍ର ସମ୍ପର୍କର ପରିବର୍ତ୍ତିତ ରୂପରେଖ ଓ ସାମାଜିକ ପରିବେଶକୁ ଦୃଷ୍ଟିରେ ରଖି ଶୃଙ୍ଖଳା, ପାରସ୍ପରିକ ସମ୍ମାନ, ଶୈକ୍ଷିକ ସାଧୁତା ଓ ଶିକ୍ଷାନୁଷ୍ଠାନ ପରିସରରେ ଏକ ଅନୁକୂଳ ଶିକ୍ଷାଦାନ ପରିବେଶ ସୃଷ୍ଟି କରିବା ପାଇଁ ଅଧ୍ୟାପକ/ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କ ପାଇଁ ଏହା ଲାଗିବ । ଆଦର୍ଶ ଆଚରଣ ବିଧିକୁ କ୍ୟାମ୍ପସରେ କଡ଼ାକଡ଼ି ପାଳନ, ଶିକ୍ଷାନୁଷ୍ଠାନ ପୁସ୍ତିକା, ନାମ ଲେଖା କିଟ, ଛାତ୍ରଛାତ୍ରୀ ହ୍ୟାଣ୍ଡବୁକ ଓ ଅଫିସିଆଲ ୱେବସାଇଟରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଏହି ଆଚରଣ ବିଧିକୁ ସାମିଲ କରିବେ । ଏହାକୁ ଅତ୍ୟନ୍ତ ନିଷ୍ଠାପର, ଯୋଜନାବଦ୍ଧ ଓ ଗୁରୁତ୍ୱପୂର୍ଣ୍ଣ ଭାବେ ଗ୍ରହଣ କରି ଲାଗୁ କରିବାକୁ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟ, ସରକାରୀ ଓ ବେସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଶିକ୍ଷକ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିର୍ଦ୍ଦେଶିତ କରାଯାଇଛି । ଆଜିର ବିଦ୍ୟାର୍ଥୀମାନେ ହେଉଛନ୍ତି ଦେଶର ଗୌରବ ଓ ଉଜ୍ଜ୍ୱଳତମ ସମ୍ପତ୍ତି । ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀଙ୍କ ନିୟମିତ ଉପସ୍ଥାନ ବାଧ୍ୟତାମୂଳକ ହୋଇଛି । ଯଦି କୌଣସି ଛାତ୍ରଛାତ୍ରୀ ଅନ୍ୟ କୌଣସି ଅନୁଚିତ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥାନ୍ତି ଓ ବିଦ୍ୟାଳୟ ନିମିନ୍ତ ନିର୍ଦ୍ଦେଶାବଳୀ ଉଲ୍ଲଂଘନ କରନ୍ତି ତେବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ଛାତ୍ରଛାତ୍ରୀମାନେ ନିଜ ଅନୁପସ୍ଥିତି ପାଇଁ ପୂର୍ବରୁ ସମ୍ମତିମୂଳକ ଅନୁମତି ନେବା କିମ୍ବା ଅନୁପସ୍ଥିତିରେ ଯଥୋଚିତ କାରଣ ଦର୍ଶାଇବେ । ବିନା ଅନୁମତିରେ ଶିକ୍ଷାନୁଷ୍ଠାନରେ ପ୍ରତିବାଦ, ଆନ୍ଦୋଳନ, ହରତାଳ ଓ ସଭା ସମିତି ଉପରେ କଟକଣା ଲଗାଯାଇଛି । ବାସ୍ତବରେ ଅନେକ ଶିକ୍ଷାନୁଷ୍ଠାନର ମୂଲ୍ୟବାନ ସମୟ ବିଶେଷକରି ଛାତ୍ରଛାତ୍ରୀଙ୍କ ପାଇଁ ହିଁ ଅକାରଣରେ ନଷ୍ଟ ହୋଇଯାଏ । ସେହିପରି କୌଣସି ଛାତ୍ରଛାତ୍ରୀ ହିଂସାତ୍ମକ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥିବା ପ୍ରମାଣିତ ହୁଏ ତେବେ ନିକଟସ୍ଥ ପୁଲିସ ଥାନାକୁ ସୂଚନା ଦିଆଯିବା ସହ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ । ସେହିପରି ଶିକ୍ଷାନୁଷ୍ଠାନର ସମ୍ପତ୍ତି ନଷ୍ଟ କଲେ ନଷ୍ଟ କରିଥିବା ପିଲାମାନଙ୍କ ଠାରୁ କ୍ଷତି ପୂରଣ ଆଦାୟ କରାଯିବ । କ୍ଷତିପୂରଣ ଦେବାରେ ବିଫଳ ହେଲେ କିମ୍ବା ନିୟମିତ ଭାବେ ବିଶୃଙ୍ଖଳା, କ୍ୟାମ୍ପସରେ ଶାନ୍ତି ବ୍ୟାହାତ କଲେ ବିଦ୍ୟାର୍ଥୀଙ୍କୁ ସାମୟିକ ବା ସ୍ଥାୟୀ ଭାବେ ବହିଷ୍କାର କରାଯିବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କ୍ୟାମ୍ପସ ପରିସରରେ ଅଶୀଳ ଇଙ୍ଗିତ କିମ୍ବା ଯୌନ ଉତ୍ପୀଡ଼ନ ସମ୍ପର୍କିତ କୌଣସି ଆଚରଣକୁ ଆଦୌ ପ୍ରସୟ ଦିଆଯିବ ନାହିଁ । ଏଭଳି କୌଣସି ଘଟଣା ଘଟିଲେ ପ୍ରାଥମିକ ଭାବରେ ଏହା ସମ୍ପର୍କରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ନଜରକୁ ଅଣାଯିବ ଏବଂ କମିଟି ଦ୍ୱାରା ନିରପେକ୍ଷ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ପାଇଁ ସେମାନଙ୍କ ଶିକ୍ଷା ବର୍ଷଟି ଯେତିକି ଗୁରୁତ୍ୱପୂର୍ଣ୍ଣ ସେତିକି ସ୍ମରଣୀୟ ଓ ଶିକ୍ଷଣୀୟ । ଶିକ୍ଷାବର୍ଷ ଆରମ୍ଭରେ ସମସ୍ତ ବିଭାଗ ଦ୍ୱାରା ଛାତ୍ରଛାତ୍ରୀ ପରିଚୟ କାର୍ଯ୍ୟକ୍ରୟ ଆୟୋଜିତ ହେବ । ଏହି ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଆଚରଣ, ଶିଷ୍ଟାଚାର ଓ କଣ କରିବେ ଓ ନକରିବେ ସେ ସମ୍ପର୍କରେ ସଚେତନ ହେବେ । ଶିକ୍ଷାନୁଷ୍ଠାନ ଓ ହଷ୍ଟେଲରେ ସମସ୍ତ ପ୍ରକାର ନିଶାଦ୍ରବ୍ୟ ସେବନ ସମ୍ପୂର୍ଣ୍ଣ ନିଷିଦ୍ଧ । ଗୋଷ୍ଠୀ ବିବାଦ, ଅନ୍ୟକୁ ଚିଡ଼ାଇବା, ର୍ୟାଗିଂ ଭଳି କାର୍ଯ୍ୟକ୍ରମ ଉପରେ କଠୋର କଟକଣା ଲାଗିଛି । ଛାତ୍ରାବାସ ଅଧୀକ୍ଷକ କିମ୍ବା କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ଅଣଛାତ୍ର କ୍ୟାମ୍ପସକୁ ପ୍ରବେଶ କରିପାରିବେ ନାହିଁ । ସମସ୍ତ ଛାତ୍ରଛାତ୍ରୀ ପରିଚୟ ପତ୍ର ପିନ୍ଧିବା ବାଧ୍ୟତାମୂଳକ । ଅଧ୍ୟାପକ, ଆଧ୍ୟାପିକା ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବେ । ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର, ଧମକ ଦେବା କିମ୍ବା ଯୌନ ଉତ୍ପୀଡ଼ନ ଭଳି ଅସାମାଜିକ କାର୍ଯ୍ୟ ନେଇ ଅଭିଯୋଗ ପ୍ରମାଣିତ ହେଲେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ତ୍ୱରିତ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଶିକ୍ଷା ଓ ପରିଚାଳନାଗତ ପ୍ରସଙ୍ଗର ସମାଧାନ ନିମିନ୍ତ ପ୍ରତି କ୍ୟାମ୍ପସରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବ୍ୟତୀତ, ବିବାଦ ସମାଧାନ କମିଟି ରହିବ । ସେମାନେ ସମ୍ପୂର୍ଣ୍ଣ ନିରପେକ୍ଷ ରହିବେ ଏବଂ କୌଣସି ନିର୍ଦ୍ଦିଷ୍ଟ ଛାତ୍ର ବା ଗୋଷ୍ଠୀଙ୍କ ପ୍ରତି ଏକ ପାକ୍ଷିଆ ନିଷ୍ପତି ନେବା ଅନୁଚିତ । ପରୀକ୍ଷା ଭୟ ଆଳ ଦେଖାଇ ଛାତ୍ରଛାତ୍ରୀଙ୍କୁ ବ୍ୟବହାର କରିପାରିବେ ନାହିଁ, ସେମାନଙ୍କ ଆଚରଣ ସନ୍ଦେହର ଊର୍ଦ୍ଧ୍ୱରେ ରହିବା ଆବଶ୍ୟକ । ଯଦି କୌଣସି ବିଦ୍ୟାର୍ଥୀ ଅଧ୍ୟାପକ, ଅଧ୍ୟାପିକାଙ୍କ ବିରୁଦ୍ଧରେ ଅଭିଯୋଗ ରଖନ୍ତି ତେବେ ତୁରନ୍ତ ଦାୟିତ୍ୱରେ ଥିବା ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ଏଥିପାଇଁ ଏକାଡ଼େମିକ ଛୁଟି ନେବେ ତାହା ସହିତ ନିୟମିନ୍ତ ସମୟାନୁବର୍ନ୍ତୀ ରହିବେ । ଯଦି କୌଣସି ପରିସ୍ଥିତିରେ କ୍ୟାମ୍ପସରେ ଛାତ୍ର ଅଶାନ୍ତି କିମ୍ବା  ମେଳି ଦେଖାଦିଏ ତେବେ ସେମାନେ ଅଧକ୍ଷଙ୍କୁ ଅବଗତ କରାଇବେ । କ୍ୟାମ୍ପସରେ ଶାନ୍ତି ବଜାୟ ରଖିବା ନିମିନ୍ତ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧକ୍ଷ, ମହାବିଦ୍ୟାଳୟ ଅଧକ୍ଷମାନେ ପ୍ରାଥମିକତା ଦେବେ । ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଓ କ୍ୟାମ୍ପସର ପ୍ରତିଟି ଘଟଣା ଉପରେ ତୀକ୍ଷଣ ନଜର ରଖିବେ । ଆଇସିର ମାର୍ଗଦର୍ଶିକାକୁ କଡ଼ା କଡ଼ି ପାଳନ, ଗୋଷ୍ଠୀ ବିବାଦକୁ କ୍ୟାମ୍ପସରେ ସମାଧାନ, ଅସାମାଜିକ ବ୍ୟକ୍ତିଙ୍କ ଅନଧିକୃତ ପ୍ରବେଶ ଉପରେ କଟକଣା, ହଷ୍ଟେଲରେ ରାତ୍ରୀକାଳୀନ ଯାଂଚ, ନିଶାଦ୍ରବ୍ୟ ସେବନକୁ ସମ୍ପୂର୍ଣ୍ଣ ମନା, ଛାତ୍ରଛାତ୍ରୀଙ୍କ ଅନୁପସ୍ଥିତ ସମ୍ପର୍କରେ ଅଭିଭାବକଙ୍କୁ ମୋବାଇଲ ମାଧ୍ୟମରେ ଅବଗତ କରାଇବା ଏବଂ କ୍ୟାମ୍ପସ ପରିସରର ଚର୍ତୁଦିଗରେ ଚବିଶି ଘଣ୍ଟିଆ ସିସିଟିଭି ଉପରେ ନଜର ରଖିବେ । କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ସଭା କିମ୍ବା ସମାବେଶ କରାଯାଇପାରିବ ନାହିଁ । ସେହିପରି ଶିକ୍ଷାନୁଷ୍ଠାନ ମୁଖ୍ୟ ପ୍ରତି ମାସରେ ଅତିକମରେ ଥରେ ବିଭିନ୍ନ ବିଭାଗ ପରିଦର୍ଶନ କରି ପାଠ୍ୟ ଯୋଜନା ଓ ରେଜିଷ୍ଟର ଯାଂଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ଅନେକ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା, ଛାତ୍ରବୃତି, ଶିକ୍ଷା, ପ୍ରୋତ୍ସାହନ ପାଇଁ ଯୁବ ଓ ଦକ୍ଷ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ବ୍ୟକ୍ତିନିଷ୍ଠ ଉଦ୍ୟମ ପ୍ରଶଂସନୀୟ । ସର୍ବଭାରତୀୟ ସ୍ତରରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶାର ଅନେକ ଶିକ୍ଷାନୁଷ୍ଠାନ ଅନେକ ମେଧାବୀଙ୍କୁ ସୃଷ୍ଟି କରିଛି । ଯେଉଁମାନେ ଆଜି ଦେଶ ବିଦେଶରେ ନିଜ ନିଜ କ୍ଷେତ୍ରରେ  ବେଶ ପ୍ରତିଷ୍ଠିତ ଓ ଓଡ଼ିଶାର ଉଚ୍ଚଶିକ୍ଷାର ଗର୍ବ ଓ ଗୌରବକୁ ବୃଦ୍ଧି କରିଛନ୍ତି ।

# ଶୁଖୁଆ ଝୋଳ !

ଯାତ୍ରୀଙ୍କ ନିରାପତ୍ତା ପାଇଁ ଏକ ତ୍ରୁଟିଶୂନ୍ୟ ସିଗ୍ନାଲ ସିଷ୍ଟମ ଯେଉଁଭଳି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ, ସେମାନଙ୍କର ସ୍ୱାସ୍ଥ୍ୟ ରକ୍ଷା ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସେଇଭଳି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ: ଉଭୟର ରକ୍ଷଣାବେକ୍ଷଣରେ ସାମାନ୍ୟତମ ଅବହେଳା ଗ୍ରହଣୀୟ ନୁହେଁ । ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳରୁ ହାଇଡ୍ରୋଜେନ୍ ଫୁଏଲ୍ ସେଲ୍‌ଚାଳିତ ରେଳଗାଡ଼ି ଉଦ୍‌ଘାଟନ ପର୍ଯ୍ୟନ୍ତ, 'କବଚ' ଦୁର୍ଘଟଣା-ନିରୋଧକ ବ୍ୟବସ୍ଥା କାର୍ଯ୍ୟକାରୀ କରିବାଠାରୁ ଉତ୍ସର୍ଗୀକୃତ ମାଲ୍ ପରିବହନ ରେଳପଥ ('ଡେଡିକେଟେଡ୍ ଫ୍ରେଟ୍ କରିଡର) ନିର୍ମାଣ ପର୍ଯ୍ୟନ୍ତ କିମ୍ବା ମର୍ଯ୍ୟାଦାଜନକ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ରୂପାୟନ ଭଳି ବିଭିନ୍ନ ମହନ୍ତ୍ୱପୂର୍ଣ୍ଣ ଉଦ୍ୟମ ମାଧ୍ୟମରେ ଭାରତୀୟ ରେଳବାଇ ଯଶ ଅର୍ଜନ କରିବାରେ ଲାଗିଥିବା ବେଳେ ସଦ୍ୟ ପ୍ରକାଶିତ 'କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ' ('ସିଏଜି')ଙ୍କ ଅଡିଟ୍ ରିପୋର୍ଟ ଏହାର ଏପରି ଏକ ଲଜ୍ଜାଜନକ ସାଧାରଣ ଦୁର୍ବଳତାକୁ ପଦାରେ ପକାଇଛି, ଯାହା ବାର ବର୍ଷର ତପସ୍ୟାକୁ ନିରର୍ଥକ କରିଥିବା ଶୁଖୁଆ ଝୋଳ ଭଳି ମନେ ହୋଇଥାଏ । ଭାରତୀୟ ରେଳବାଇ ଦୈନନ୍ଦିନ ହାରାହାରି ପ୍ରାୟ ୨୩ ନିୟୁତରୁ ଅଧିକ ସଂଖ୍ୟକ ଯାତ୍ରୀ ପରିବହନ କରିଥାଏ, ଯାହା ହେଉଛି ପାଖାପାଖି ଅଷ୍ଟ୍ରେଲିଆର ମୋଟ ଜନସଂଖ୍ୟା ସହିତ ସମାନ ଏବଂ ପୃଥିବୀରେ ସର୍ବୋଚ୍ଚ । ଉପରୋକ୍ତ 'ସିଏଜି' ଅଡିଟ୍ ଆବିଷ୍କାର କରିଛି ଯେ ଦେଶର ପ୍ରମୁଖ ରେଳ ଷ୍ଟେସନମାନଙ୍କରେ ଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ହେଉଛି ପ୍ରଦୂଷିତ । ପରୀକ୍ଷାରୁ ଜଣାପଡ଼ିଛି ଯେ ଏଇ ଜଳରେ 'ଇ-କୋଲାଇ' ଓ 'କୋଲିଫର୍ମ' ବ୍ୟାକ୍‌ଟେରିଆ ଉପସ୍ଥିତ ଥା'ନ୍ତି । ପାନୀୟ ଜଳ ପ୍ରବାହିତ ପାଇପ୍ ଓ ସିୱେଜ୍ ଲାଇନରେ ଥିବା ଫାଟ ମାଧ୍ୟମରେ ପାନୀୟ ଜଳ ଓ ମାନବ ମଳ ମଧ୍ୟରେ ସଂଯୋଗ ପ୍ରତିଷ୍ଠା ଦ୍ୱାରା ଏଇ ସଂକ୍ରମଣ ଘଟିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ନିକଟ ଅତୀତରେ ଭାରତୀୟ ରେଳବାଇ ଅନେକ ଇଲାକାରେ ଚମକପ୍ରଦ ପ୍ରଗତି ହାସଲ କରିବାରେ ସଫଳ ହୋଇଛି । ଏକ ଉଦାହରଣ ସ୍ୱରୂପ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାରେ ଏକ ତୀକ୍ଷ୍ଣ ସ୍ଖଳନ ଘଟିବା ଦେଖାଯାଇଛି: ୨୦୧୪ରେ ମୃତ୍ୟୁ ସଂଖ୍ୟା ୧୩୫ ହୋଇଥିବା ବେଳେ ୨୦୨୫-୨୬ରେ ତାହା ୧୬କୁ ହ୍ରାସ ପାଇଥିଲା । ଚେନାବ ପୋଲ ନିର୍ମାଣ କିମ୍ବା ପାମ୍ବାନ୍ ଭର୍ଟିକାଲ ଲିଫ୍‌ଟ ପୋଲ ନିର୍ମାଣ ଭଳି ଚମକ ସୃଷ୍ଟିକାରୀ ପ୍ରକଳ୍ପମାନ କେବଳ ରେଳବାଇ ନୁହେଁ ସମଗ୍ର ଦେଶ ପାଇଁ ଗର୍ବର ବିଷୟ ହୋଇଛନ୍ତି । ଅମୃତ ଭାରତ ଷ୍ଟେସନ ସ୍କିମ୍ ଅନୁସାରେ ପ୍ରମୁଖ ଷ୍ଟେସନମାନଙ୍କର ଆଧୁନିକୀକରଣ ସେଗୁଡ଼ିକୁ ଚିତ୍ତାକର୍ଷକ କରିବା ସହିତ ଯାତ୍ରୀମାନଙ୍କ ପାଇଁ ଅନେକ ସୁବିଧା ଉପଲବ୍ଧ କରାଇଛି, ଯାହା ଅତୀତରେ ସଂପୂର୍ଣ୍ଣ ରୂପେ ଅନୁପସ୍ଥିତ ଥିଲା । କିନ୍ତୁ ଆଧୁନିକୀକରଣ ଅର୍ଥ ନୁହେଁ କେବଳ ଦୃଷ୍ଟି ଆକର୍ଷଣକାରୀ ପ୍ରକଳ୍ପମାନ ପ୍ରାଧାନ୍ୟ ଲାଭ କରିବ ଏବଂ ନିତିଦିନିଆ ସାଧାରଣ ପ୍ରସଙ୍ଗଗୁଡ଼ିକ ଅବହେଳିତ ହେବେ- ଯେମିତି ନିରାପଦ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ । ଜଣେ ସାଧାରଣ ରେଳ ଯାତ୍ରୀ ରେଳବାଇ ବୋର୍ଡ ଦ୍ୱାରା କରାଯାଉଥିବା ବିଶାଳ ପୁଞ୍ଜି ନିବେଶ ସମ୍ବନ୍ଧରେ ସଂପୂର୍ଣ୍ଣ ଅଜ୍ଞ ଥାଏ, ଯାହା ସମ୍ବନ୍ଧରେ ତା'ର କୌଣସି ପ୍ରତ୍ୟକ୍ଷ ଅନୁଭୂତି ନ ଥାଏ । ଅପର ପକ୍ଷେ ସିଏ ଯାହାକୁ ପ୍ରତ୍ୟକ୍ଷ ତଥା ଅନ୍ତରଙ୍ଗ ଭାବରେ ଅନୁଭବ କରିଥାଏ, ତାହା ହେଲା ଶୌଚାଳୟ, ପ୍ଲାଟ୍‌ଫର୍ମ, ପିଇବା ପାଣିର ଟ୍ୟାପ୍, ରେଳଡବା ଭିତରେ ପରିଚ୍ଛନ୍ନତା, ରେଳଗାଡ଼ିର ସମୟାନୁବର୍ତ୍ତିତା ଆଦି । 'ସିଏଜି' ଅଡିଟ୍ ଯେଉଁ ସମସ୍ୟା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି, ତାହା ସମ୍ବଳର ଅଭାବ ନୁହେଁ, ତାହା ହେଉଛି ଉତ୍ତରଦାୟିତ୍ୱରେ ଅଭାବ । ଯଦି ଏକ 'ୱାଟର୍ କୁଲର୍'ର ଜଳରେ ମାନବ ମଳ ସଂପର୍କିତ ବ୍ୟାକ୍‌ଟେରିଆର ଉପସ୍ଥିତି ଆବିଷ୍କୃତ ହେଲା, ତା'ହେଲେ ଦାୟିତ୍ୱରେ ଥିବା ଜଣେ କେହି ନିଜର କର୍ତ୍ତବ୍ୟରେ ଅବହେଳା କରି ସେ ପାନୀୟ ଜଳକୁ ନିୟମିତ ଭାବରେ ପରୀକ୍ଷା କରି ନାହିଁ; ଜଣେ କେହି ସେ ଯନ୍ତ୍ରର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାରେ ବିଫଳ ହୋଇଛି, ଆଉ କେହି ଜଣେ ତାହାକୁ ସାମୟିକ ଭାବରେ ଯାଂଚ କରିବାକୁ ଭୁଲିଯାଇଛି । ଏହା ଏକ ସୁପରିଚିତ ଭାରତୀୟ ମାନସିକତାକୁ ପ୍ରତିଫଳିତ କରିଥାଏ : ଏଠାରେ ନିର୍ମାଣ ସର୍ବଦା ଆଦର ଲାଭ କରିଥାଏ; ରକ୍ଷଣାବେକ୍ଷଣ ସର୍ବଦା ଅବହେଳିତ ହୋଇଥାଏ । ଏକ ନୂତନ ଷ୍ଟେସନ ନିର୍ମାଣ କିମ୍ବା ପୁରାତନ ଷ୍ଟେସନର ନବୀକରଣ ଏକ ଉତ୍ସବ ପାଳନ ପାଇଁ ବାହାନା ଯୋଗାଇଥାଏ, ଯେଉଁଠିକି ରାଜନେତାମାନେ ଆପେଆପେ ଆକର୍ଷିତ ହୋଇ ଆସିଥାନ୍ତି । ଏକ ନୂତନ ଟ୍ରେନ୍ ଚଳାଚଳ ସେଇପରି କୌଣସି ନେତାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥାଏ । ଏକ ସୁନ୍ଦର ଷ୍ଟେସନ କିମ୍ବା ଏକ ନୂତନ ରେଳଗାଡ଼ିର ଫଟୋ ଓ ଭିଡିଓ ଉଭୟ ମୁଖ୍ୟସ୍ରୋତ ଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଥାଏ । କିନ୍ତୁ ଏକ ୱାଟର୍ କୁଲର୍ ନିର୍ଦ୍ଧାରିତ ସମୟରେ ସର୍ଭିସ୍ ହେବା ଫଟୋଯୋଗ୍ୟ ହୋଇ ନ ଥାଏ କିମ୍ବା କୌଣସି ନେତାଙ୍କୁ ଆକର୍ଷିତ କରି ନ ଥାଏ । ଜଣେ ସାଧାରଣ ଯାତ୍ରୀ ପାଇଁ କେଉଁଟି ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ: ଷ୍ଟେସନର ସ୍ଥାପତ୍ୟ ନା ପାନୀୟ ଜଳର ଗୁଣାତ୍ମକ ମାନ 'ସିଏଜି' ଦ୍ୱାରା ପ୍ରକାଶିତ ଏଇ ଅଡିଟ୍ ରିପୋର୍ଟ ତେଣୁ ହେଉଛି ରକ୍ଷଣାବେକ୍ଷଣ ପ୍ରତି ପ୍ରଦର୍ଶିତ ହୋଇ ଆସୁଥିବା ଚିରାଚରିତ ଉଦାସୀନତାରେ ଅନ୍ତ ଘଟାଇବା ପାଇଁ ରେଳବାଇକୁ ଏକ ଆହ୍ୱାନ । ରେଳ ରାସ୍ତାରୁ ପୋଲ ପର୍ଯ୍ୟନ୍ତ, ଟଏଲେଟ୍‌ରୁ ଜଳ ଯୋଗାଣ ବ୍ୟବସ୍ଥା ପର୍ଯ୍ୟନ୍ତ, ରେଳବାଇ ଦ୍ୱାରା ସୃଷ୍ଟ ପ୍ରତ୍ୟେକ ପରିସଂପତି ସୁଚାରୁ ତଥା ତ୍ରୁଟିହୀନ ରୂପେ କାର୍ଯ୍ୟ କରିବା ପାଇଁ ନିୟମିତ ରକ୍ଷଣାବେକ୍ଷଣ ଆବଶ୍ୟକ କରିଥାଏ । ଯାତ୍ରୀଙ୍କ ନିରାପତା ପାଇଁ ଏକ ତ୍ରୁଟିଶୂନ୍ୟ ସିଗ୍ନାଲ ସିଷ୍ଟମ ଯେଉଁଭଳି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ, ସେମାନଙ୍କର ସ୍ୱାସ୍ଥ୍ୟ ରକ୍ଷା ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସେଇଭଳି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ: ଉଭୟର ରକ୍ଷଣାବେକ୍ଷଣରେ ସାମାନ୍ୟତମ ଅବହେଳା ଗ୍ରହଣୀୟ ନୁହେଁ । ଏଇ ପରିପ୍ରେକ୍ଷୀରେ 'ସିଏଜି' ରିପୋର୍ଟ ରକ୍ଷଣାବେକ୍ଷଣର ଆଉଟ୍‌ସୋର୍ସିଙ୍ଗ୍ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରିଛି । ଏମିତିରେ କୌଣସି କାର୍ଯ୍ୟ ସଂପାଦନକୁ ଆଉଟ୍‌ସୋର୍ସିଙ୍ଗ୍ କରାଯିବାରେ କିଛି ଭୁଲ୍ ନାହିଁ । ଅନେକ ସମୟରେ ସରକାରୀ ଅମଲାତନ୍ତ୍ର ଅପେକ୍ଷା ଘରୋଇ କଣ୍ଟ୍ରାକ୍ଟରମାନେ ଅଧିକ ଦକ୍ଷତାର ସହିତ କାର୍ଯ୍ୟ ସଂପାଦନ କରିବା ଦେଖାଯାଇଥାଏ । କିନ୍ତୁ ଆଉଟ୍ ସୋର୍ସିଙ୍ଗ୍ ସହିତ ଉତରଦାୟିତ୍ୱ ଅବିଚ୍ଛେଦ୍ୟ ଭାବରେ ସଂଯୁକ୍ତ ହେବା ଆବଶ୍ୟକ । ଯଦି ତା' ନ ହୁଏ ତେବେ କେବଳ ଅମଲାତାନ୍ତ୍ରିକ ବିଫଳତାର ରୂପାନ୍ତର ଘଟି ତାହା କଣ୍ଟ୍ରାକ୍ଟର ବିଫଳତାରେ ପରିଣତ ହେବା ସାର ହେବ ଯାହା । ତେଣୁ ଆଉଟ୍‌ସୋର୍ସିଙ୍ଗ୍ ପାଇଁ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବା ସମୟରେ ସେଥିରେ ଏଭଳି ସର୍ତ୍ତମାନ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ଯାହା ଦ୍ୱାରା କଣ୍ଟ୍ରାକ୍ଟରମାନେ ସେମାନଙ୍କର କାର୍ଯ୍ୟରେ ସାମାନ୍ୟତମ ଅବହେଳା ପ୍ରଦର୍ଶନ ନିମିନ୍ତ ସୁଯୋଗ ପାଇବେ ନାହିଁ । ଯଦି ଏକ ଟଏଲେଟ୍ ବାରମ୍ବାର ଠିକଣା ଭାବରେ କାର୍ଯ୍ୟ ନ କରେ, ତେବେ ତାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନିର୍ବାହ କରୁଥିବା କଣ୍ଟ୍ରାକ୍ଟରଙ୍କର ପ୍ରାପ୍ୟ ବାତିଲ କରି ଦିଆଯିବ କିମ୍ବା କାଟି ଦିଆଯିବ । ଯଦି ୱାଟର୍ କୁଲର୍ ଜଳରେ 'ଇ-କୋଲାଇ' ଆବିଷ୍କୃତ ହୁଏ, ସେଥିପାଇଁ ସଂପୃକ୍ତ କଣ୍ଟ୍ରାକ୍ଟରଙ୍କୁ ବିଭିନ୍ନ ଭାବରେ ଦଣ୍ଡିତ କରାଯିବ । ଯଦି ରେଳବାଇ ଅମଲାତନ୍ତ୍ର ଏଥିପାଇଁ ଦାୟୀ ହୋଇଥାଏ, ତେବେ ସଂପୃକ୍ତ ଅଧିକାରୀ ଏଥିପାଇଁ ଦଣ୍ଡିତ ହେବା ଆବଶ୍ୟକ । ରେଳବାଇ ତେଣୁ 'ସିଏଜି' ରିପୋର୍ଟକୁ ଏକ ପାଥୋଲୋଜିକାଲ୍ ରିପୋର୍ଟ ରୂପେ ଗ୍ରହଣ କରି ନିଜର ଆବଶ୍ୟକ ଚିକିତ୍ସା କରି ପରିଚାଳନାରେ ବ୍ୟାପକ ଉନ୍ନତି ଘଟାଇବା ଜରୁରି ।

## ମହାତ୍ମାଙ୍କ ଶେଷ ଦିନ ଓ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ସତ୍ୟ, ଅହିଂସା, ସର୍ବୋଦୟ ଓ ସତ୍ୟାଗ୍ରହର ମୂର୍ତ୍ତିମନ୍ତ ଚିନ୍ତନ ପ୍ରତୀକ ଥିଲେ ଜାତିର ପିତା ପରମପୂଜ୍ୟ ମହାତ୍ମା ଗାନ୍ଧୀ । ଏହି ସାବରମତୀର ସନ୍ଥ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଚିରସ୍ମରଣୀୟ ଓ ପରମ ପୂଜନୀୟ ବ୍ୟକ୍ତିତ୍ୱ । ପୂଜ୍ୟ ଗାନ୍ଧିଜୀଙ୍କ ପାଇଁ ପ୍ରେମିକ କବି ଡକ୍ଟର ମାୟାଧର ମାନସିଂହଙ୍କ ତାଙ୍କ ଗ୍ରନ୍ଥାବଳୀର ପ୍ରଥମ ଖଣ୍ଡରେ ସ୍ଥାନ ଦେଇଥିଲେ, ଯେବେହେ ଆସିବ ଫେରି, ଏ ଧରାରେ ଦେବ ପୁଣି ପଦ, କୁତ୍ସିତ ମାଟିରେ ପୁଣି ପ୍ରବାହିତ କରି ପୁଣ୍ୟ ନଦ, ଧରାମୁଖୁ ପୋଛି ପୋଛି ନେବ ପୁଣି ଯେତେ ଦୈନ୍ୟ, ବ୍ୟାଧି, ଯେତେ ମିଥ୍ୟା, ଯେତେ ପାପ, କୁସଂସ୍କାର, ବର୍ବରତା ଆଦି ଅଗାଧ କରୁଣା ସ୍ପର୍ଶେ, ଆପଣାରେ କ୍ଷୟି ତିଳେ ତିଳେ, ମାନବ ସେବାରେ କୃଚ୍ଛ୍ର ତପସ୍ୟାର ପବିତ୍ର ସଲିଳେ ଉଜ୍ଜୀବିତ କରି ମୃତ, ଜଡ଼ୀଭୂତ, କଳୁଷିତ ନର, କୋଟି କୋଟି ସ୍ୱାର୍ଥପ୍ରାଣେ ଅଙ୍କୁରାଇ ବୀଜ ପଦାର୍ଥର । ୩୦ ଜାନୁଆରୀକୁ ଭାରତବର୍ଷରେ 'ଶହୀଦ ଦିବସ' ଭାବେ ପାଳନ କରାଯାଏ । ଏହାକୁ 'ସର୍ବୋଦୟ ଦିବସ' ଭାବେ ମଧ୍ୟ ପାଳନ କରାଯାଏ । ୧୯୪୮ ଏହି ଦିନରେ ଜାତିର ପିତା ମହାତ୍ମା ଗାନ୍ଧୀ ବର୍ବର ହତ୍ୟାର ଶିକାର ହୋଇଥିଲେ । ୩୦ ଜାନୁଆରୀ ୧୯୪୮ ସମୟ ଅପରାହ୍ନ ୫ ଘଟିକା ୧୭ ମିନିଟ୍, ସ୍ଥାନ ନୂଆ ଦିଲ୍ଲୀସ୍ଥିତ ବିରଳା ଭବନ, ମହାତ୍ମା ସନ୍ଧ୍ୟା ପ୍ରାର୍ଥନା ପାଇଁ ବାହାରୁଥିଲେ । ସଙ୍ଗରେ ଥିଲେ ଆଭା ଚଟ୍ଟୋପାଧ୍ୟାୟ, ନନ୍ଦଲାଲ ମେହେଟା, ପ୍ୟାରେଲାଲ ଭି କଲ୍ୟାଣମ୍ ପ୍ରମୁଖ । ହଠାତ୍ ପହଞ୍ଚିଲେ ନାଥୁରାମ ବିନାୟକ ଗଡ଼ସେ । ସେ ବାପୁଙ୍କ ପଥ ରୋକି ପାଦ ଛୁଇଁ ପ୍ରଣାମ କଲେ । ପ୍ରାର୍ଥନା ସମୟ ଗଡ଼ିଯାଉଥିବାରୁ ପ୍ରତିବାଦ କଲେ ଆଭା, ଭାଇ ବାପୁଙ୍କର ବିଳମ୍ବ ହୋଇଗଲାଣି । ତାଙ୍କ ତୁଣ୍ଡରୁ କଥା ପଦକ ନସରୁଣୁ ତାଙ୍କୁ ଠେଲିଦେଇ ସେ ଦିନ ବାପୁଙ୍କ ଛାତିକୁ ଲକ୍ଷ୍ୟ କରି ଗୋଟିଏ ବେରେଟା ଏମ୍ ୩୪ ଅର୍ଦ୍ଧ ସ୍ୱୟଂକ୍ରିୟ ପିସ୍ତଲରୁ ତିନି ତିନିଟି ଗୁଳି ଚଳାଇଥିଲେ ଗଡ଼ସେ । ଘଟନାସ୍ଥଳୀରେ ହେ ରାମ... କହି ଟଳିପଡ଼ିଥିଲେ ଜାତିର ପିତା ମହାତ୍ମା । ତାଙ୍କୁ ଚିକିତ୍ସାଳୟକୁ ନେବା ପରିବର୍ତ୍ତେ ସେହି ବିରଳା ଭବନ ମଧ୍ୟକୁ ଉଠାଇ ନିଆଯାଇଥିଲା । ଅଳ୍ପ କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ହୋଇଥିଲା । ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଶହୀଦ ଦବିସ ପାଳନର ଲକ୍ଷ୍ୟ । ଏହି ଦିବସରେ ଭାରତର ରାଷ୍ଟ୍ରପତି, ଉପ-ରାଷ୍ଟ୍ରପତି, ପ୍ରଧାମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ଏବଂ ଭାରତୀୟ ସ୍ଥଳ, ବାୟୁ ଓ ଜଳ ସେନାର ତିନି ମୁଖ୍ୟ ଏକତ୍ର ଦିଲ୍ଲୀ ରାଜଘାଟରେ ଥିବା ମହାତ୍ମାଙ୍କ ସମାଧିରେ ପୁଷ୍ପ ଅର୍ପଣ କରନ୍ତି । ଦିନ ୧୧ଟାରେ ମହାତ୍ମା ତଥା ଅନ୍ୟ ସହୀଦଙ୍କ ସ୍ମୃତିରେ ସମଗ୍ର ଦେଶରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଏ । ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ । ସ୍ୱତଃବ୍ୟକ୍ତ କଲେ - କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ । ଭିନ୍ନ ମତାବଲମ୍ବୀ ଲୋକମାନେ ମଧ୍ୟ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ । ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ । ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ - ଆଉ ତାର କଣ ଏହି ପ୍ରତିଦାନ ? ଏହା ଅତ୍ୟନ୍ତ ବେଦନା ଦାୟକ । ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ - ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି । ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ତୋଳୁ । ହେ ଦୟାଳ ପରମପିତଃ ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିତୋଳ । (୩୧.୧.୧୯୪୮, ଅପରାହ୍ନ ୩ଘଟିକା) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ । ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ ଚେଷ୍ଟା କରୁଥିଲେ । କାୟମନୋବାକ୍ୟରେ ଏକମୁଖୀ ଚଳନର ଫଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ । ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା । ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ୍ୟ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ସନ୍ଦେହଜନକ । ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ । ଜାତିର ଜନକ ଭାବେ ମହାତ୍ମା ଗାନ୍ଧୀ କେବଳ ଭାରତ ନୁହେଁ ସମଗ୍ର ପୃଥିବୀରେ ଏକ ସମ୍ମାନସ୍ପଦ ବ୍ୟକ୍ତିତ୍ୱ, ତାଙ୍କ ଅହିଂସା ନୀତି ଆଜି ପୃଥିବୀରେ ସମସ୍ତ ରାଷ୍ଟ୍ରର ଜାତୀୟ ବାର୍ତ୍ତା ଭାବେ ପ୍ରମାଣ ସିଦ୍ଧ ହୋଇଛି । ସଶସ୍ତ୍ର ଗୋରା ଫଉଜଙ୍କୁ ଜଣେ ଆଣ୍ଠୁ ଲୁଚୁ ନଥିବା ପୋଷାକ ପରିହିତ ବାପୁଜୀ ଭାରତମାତାରୁ ବିତାଡ଼ିତ କରିବାକୁ ସକ୍ଷମ ହୋଇଥିଲେ । ସମଗ୍ର ଭାରତର ଯେଉଁ ଅହିଂସା ନୀତିକୁ ଆଜି ସମଗ୍ର ବିଶ୍ୱ ସମ୍ମାନର ସହିତ ମଥାପାତ କରୁଛି ତାହା ପଛର ଘଟଣାଟି ହେଉଛି ସେହି ମହାନ ନାୟକଙ୍କ କୃତୀ । ପୃଥିବୀରେ ମହାତ୍ମା ଗାନ୍ଧୀ ଏପରି ଜଣେ ବିରଳ ବ୍ୟକ୍ତିତ୍ୱ ଯାହାଙ୍କ ନାମରେ ସାରା ପୃଥିବୀର ବିଭିନ୍ନ ଭାଷାରେ ଅନେକ ଚଳଚ୍ଚିତ୍ର ଓ ପୁସ୍ତକ ମଧ୍ୟ ଲେଖା ହୋଇଛି । କୁହାଯାଏ ଗାନ୍ଧିଜୀଙ୍କ ନାମରେ ଯେ କୌଣସି ପୁସ୍ତକ ତାହା ନିଶ୍ଚିତ ପ୍ରଚୁର ପାଠକୀୟ ଆଦୃତ୍ତ ପାଇଥାଏ । ଆଜିର ଦିନରେ ଆମେ ଜାତିର ପିତାଙ୍କୁ ହରାଇ ଥିଲୁ । ସମଗ୍ର ବିଶ୍ୱ ମଧ୍ୟ ସ୍ତବ୍ଧ ହୋଇଯାଇଥିଲା ସେ ଦିନର ଏହି ଅଭାବନୀୟ ଘଟଣାକୁ ନେଇ । କିନ୍ତୁ ଗାନ୍ଧିଜୀଙ୍କ ଆଦର୍ଶ, ଚିନ୍ତା ଓ ଚେତନା ଯୁଗ ଯୁଗ ପାଇଁ କେବଳ ପ୍ରତିଟି ଭାରତୀୟଙ୍କ ହୃଦୟରେ ନୁହେଁ ସମଗ୍ର ବିଶ୍ୱବାସୀଙ୍କ ହୃଦୟରେ ଚିର ଜାଜ୍ଜୁଲ୍ୟମାନ ହୋଇ ରହିବ । ନୋବେଲ କମିଟି ଏହିପରି ଜଣେ କୃତୀ ଅମୃତ ପୁରୁଷଙ୍କୁ ଯଥାର୍ଥ ଭାବେ ମୂଲ୍ୟାୟନ କରି 'ନୋବେଲ' ସମ୍ମାନରେ ସମ୍ମାନିତ କରିବା ଉଚିତ । କେବଳ ଜାତିର ଜନକ ଭାବେ ନୁହେଁ ନିଜେ ଜୀବନ ତମାମ ଆଦର୍ଶ ଓ ମୂଲ୍ୟବୋଧକୁ ପାଥେୟ କରିଥିବା ସେହି ପୂଜ୍ୟପ୍ରିୟ ବାପୁଜୀଙ୍କୁ ମୁଁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି ।

# ଆନ୍ଦୋଳନରେ ହିଂସା

ଗଣତନ୍ତ୍ରରେ ଦାବି ରଖିବାର ଅଧିକାର ଅଛି, ପ୍ରତିବାଦ କରିବାର ଅଧିକାର ଅଛି, ସରକାରଙ୍କ ନୀତିକୁ ପ୍ରଶ୍ନ କରିବାର ଅଧିକାର ଅଛି । କିନ୍ତୁ ଗଣତନ୍ତ୍ର କେବେ ମଧ୍ୟ ହିଂସାକୁ ଅନୁମତି ଦିଏନାହିଁ । ନିଜ ଦାବି ପାଇଁ ରାସ୍ତାକୁ ଆସିବା ଏକ ଗଣତାନ୍ତ୍ରିକ ଅଧିକାର; ସାଧାରଣ ଲୋକଙ୍କ ସମ୍ପତ୍ତି ଭାଙ୍ଗିବା, ଗାଡ଼ି ଧ୍ୱଂସ କରିବା, ପୁଲିସ ଯାନକୁ କ୍ଷତି ପହଚାଂଇବା ଓ ସାଧାରଣ ଜୀବନକୁ ବିପର୍ଯ୍ୟସ୍ତ କରିବା କୌଣସି ଅଧିକାର ନୁହେଁ—ଏହା ଆଇନର ସୀମା ଅତିକ୍ରମ । ରାଜଧାନୀର ମାଷ୍ଟର କ୍ୟାଣ୍ଟିନ ଅଚଂଳରେ ଅନଲାଇନ୍ ଟ୍ୟାକ୍ସି ସଂଘର ଆନ୍‌ଦୋଳନକୁ ନେଇ ଯଦି ଚଉଦଟି 'ଆମ ବସ୍' ଧ୍ୱଂସ କରାଯାଇଥିବା ଏବଂ ପୁଲିସ ଯାନ କ୍ଷତିଗ୍ରସ୍ତ ହୋଇଥିବା ଘଟଣା ସତ୍ୟ, ତେବେ ଏହାକୁ କେବଳ ଏକ ସଂଘର ଆନ୍‌ଦୋଳନ ଭାବେ ଦେଖିଲେ ଚାଲିବ ନାହିଁ । ଏହା ସିଧାସଳଖ ଭାବେ ଆଇନ ଓ ଶୃଙ୍ଖଳା, ସାଧାରଣ ସମ୍ପତ୍ତିର ସୁରକ୍ଷା ଏବଂ ନାଗରିକଙ୍କ ସୁରକ୍ଷା ସହ ଜଡ଼ିତ ପ୍ରଶ୍ନ । ଆନ୍‌ଦୋଳନ ପାଇଁ ଅନୁମତି ଆବଶ୍ୟକ ଥିଲା କି ନାହିଁ, ନିର୍ଦ୍ଧାରିତ ସ୍ଥାନ ଓ ସର୍ତ୍ତ ଉଲ୍ଲଂଘନ ହୋଇଥିଲା କି ନାହିଁ, କିଏ ହିଂସା ଆରମ୍ଭ କଲା, କିଏ ସରକାରୀ ବା ସାଧାରଣ ସମ୍ପତି ନଷ୍ଟ କଲା—ଏସବୁର ନିଷ୍ପକ୍ଷ ତଦନ୍ତ ହେବା ଦରକାର । ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଅଧୀନରେ ଯଦି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଥାଏ, ତେବେ ସେହି ନିର୍ଦ୍ଦେଶର ଉଦ୍ଦେଶ୍ୟ ହେଉଛି ଶାନ୍ତି, ସୁରକ୍ଷା ଓ ସାଧାରଣ ଜୀବନର ସୁରକ୍ଷା । ତାହାକୁ ଅମାନ୍ୟ କରି ଭିଡ଼ ହିଂସ୍ର ହେଲେ ତାହାକୁ ଆନ୍‌ଦୋଳନର ସ୍ୱାଭାବିକ ଅଂଶ ବୋଲି କହିବା ଆଇନର ଶାସନକୁ ଦୁର୍ବଳ କରିବ । ଏଠାରେ ଆଉ ଏକ କଥା ସ୍ପଷ୍ଟ ହେବା ଦରକାର—ବେସରକାରୀ ସଂଘର ନିଜସ୍ୱ ବ୍ୟବସାୟିକ ଦାବି କିମ୍ବା ବିବାଦକୁ ସରକାରୀ ସମ୍ପତ୍ତି ଧ୍ୱଂସର ମାଧ୍ୟମରେ ସମାଧାନ କରାଯାଇପାରେ ନାହିଁ । ଯଦି କୌଣସି ନୀତି, ନିୟମ, ଭଡ଼ା, ଅନୁମତି, ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱୀ କିମ୍ବା ପରିବହନ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ଅଛି, ତେବେ ଆଲୋଚନା, ସ୍ମାରକପତ୍ର, ଆଇନଗତ ପଦକ୍ଷେପ, ଶାନ୍ତିପୂର୍ଣ୍ଣ ଧାରଣା ଓ ଅନୁମୋଦିତ ପ୍ରତିବାଦ ହେଉଛି ଗଣତାନ୍ତ୍ରିକ ପଥ । କିନ୍ତୁ ରାସ୍ତାରେ ଆଇନ ହାତକୁ ନେଇ ହିଂସା କରିବା ଗ୍ରହଣୀୟ ନୁହେଁ । ଆମ ବସ୍ କେବଳ ଏକ ସରକାରୀ ଯାନ ନୁହେଁ । ଏହା ସାଧାରଣ ଲୋକଙ୍କ ଯାତାୟାତ ସୁବିଧା ସହ ଜଡ଼ିତ । ଏକ ବସ୍ ଭାଙ୍ଗିଲେ କ୍ଷତି କେବଳ ଗାଡ଼ିର ହୁଏ ନାହିଁ; ତାହାର ଭାର ଶେଷରେ ଜନସାଧାରଣଙ୍କ ଉପରେ ପଡ଼ । ଚଉଦଟି ବସ୍ ନଷ୍ଟ ହୋଇଥିଲେ ତାହାର ଅର୍ଥ ହେଉଛି ଚଉଦଟି ଜନସେବାର ସାଧନ କ୍ଷତିଗ୍ରସ୍ତ । ସେହି କ୍ଷତିର ମୂଲ୍ୟ କିଏ ଦେବ ? ସାଧାରଣ ଲୋକଙ୍କ କରର ଟଙ୍କାରେ ପୁଣି ସେହି ସମ୍ପତ୍ତି ମରାମତି ହେବ । ତେଣୁ ସାଧାରଣ ସମ୍ପତି ଧ୍ୱଂସ କରିବା ମାନେ ଶେଷରେ ଜନତାଙ୍କ ଟଙ୍କା ଉପରେ ଆଘାତ କରିବା । ପୁଲିସ ଯାନ କ୍ଷତିଗ୍ରସ୍ତ କରିବା ତାଠାରୁ ଅଧିକ ଗମ୍ଭୀର । ଆଇନ ଓ  ଶୃଙ୍ଖଳା ରକ୍ଷା କରିବା ପାଇଁ ଯେଉଁ ପୁଲିସକର୍ମୀମାନେ ଘଟଣାସ୍ଥଳରେ ରହନ୍ତି, ସେମାନଙ୍କ ଯାନକୁ ଆକ୍ରମଣ କରିବା ରାଜ୍ୟର ଆଇନ ବ୍ୟବସ୍ଥାକୁ ସିଧାସଳଖ ଚ୍ୟାଲେଞ୍ଜ । ଗଣତନ୍ତ୍ରରେ ପୁଲିସକୁ ପ୍ରଶ୍ନ କରାଯାଇପାରେ, ପୁଲିସର କାର୍ଯ୍ୟପଦ୍ଧତି ଉପରେ ଅଭିଯୋଗ କରାଯାଇପାରେ, କିନ୍ତୁ ପୁଲିସ ଯାନ ଧ୍ୱଂସ କରିବା କୌଣସି ସମାଧାନ ନୁହେଁ । ଆନ୍‌ଦୋଳନକାରୀମାନେ ଏକ କଥା ବୁଝିବା ଆବଶ୍ୟକ—ଦାବିର ନ୍ୟାୟସଙ୍ଗତତା ଏବଂ ଆନ୍‌ଦୋଳନର ପଦ୍ଧତି ଦୁଇଟି ଭିନ୍ନ ବିଷୟ । ଦାବି ନ୍ୟାୟସଙ୍ଗତ ହୋଇପାରେ, କିନ୍ତୁ ହିଂସ୍ର ପଦ୍ଧତି ତାହାକୁ ନ୍ୟାୟସଙ୍ଗତ କରିଦିଏ ନାହିଁ । ବରଂ ହିଂସା ଦାବିର ନୈତିକ ଶକ୍ତିକୁ ଦୁର୍ବଳ କରେ । ସେଥିପାଇଁ ପ୍ରଶାସନଙ୍କ ଦାୟିତ୍ୱ ମଧ୍ୟ ସ୍ପଷ୍ଟ—ଆଇନ ସମସ୍ତଙ୍କ ପାଇଁ ସମାନ ହେବା ଦରକାର । ଯିଏ ହିଂସା କରିଛି, ସେ କେଉଁ ସଂଘର, କେଉଁ ଦଳର କିମ୍ବା କେଉଁ ପେଶାର ହେଉନା କାହିଁକି, ପ୍ରମାଣ ଆଧାରରେ ତାଙ୍କ ବିରୋଧରେ ଆଇନସମ୍ମତ ପଦକ୍ଷେପ ହେବା ଆବଶ୍ୟକ । ଏହି କାର୍ଯ୍ୟାନୁଷ୍ଠାନ ପ୍ରତିଶୋଧ ନୁହେଁ; ଏହା ଆଇନର ଶାସନ ପ୍ରତିଷ୍ଠାର ଆବଶ୍ୟକତା । ସେହିପରି, ଯଦି କୌଣସି ସରକାରୀ କର୍ମଚାରୀ କିମ୍ବା ପୁଲିସକର୍ମୀ ନିଜ କର୍ତ୍ତବ୍ୟ ପାଳନରେ ଅନିୟମ କରିଥିବାର ପ୍ରମାଣ ମିଳେ, ତାଙ୍କ ବିରୋଧରେ ମଧ୍ୟ ଆଇନସମ୍ମତ ତଦନ୍ତ ହେବା ଦରକାର । ନ୍ୟାୟର ମୂଳ ନୀତି ହେଉଛି—କେହି ଆଇନରୁ ଉପରେ ନୁହେଁ । ମାଷ୍ଟର କ୍ୟାଣ୍ଟିନ ଭଳି ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ସ୍ଥାନରେ ଅନୁମତି ବିନା ଆନ୍‌ଦୋଳନ କରାଯାଇଥିଲେ ଏବଂ ତାହାରୁ ଯାତାୟାତ ବ୍ୟବସ୍ଥା ଓ ସାଧାରଣ ଜୀବନ ବାଧାପ୍ରାପ୍ତ ହୋଇଥିଲେ, ପ୍ରଶାସନଙ୍କୁ ଆରମ୍ଭରୁ ଆଇନସମ୍ମତ ଓ ସଂଯମୀ ପଦକ୍ଷେପ ନେବାକୁ ହେବ । ଭିଡ଼ ଜମିବା ପୂର୍ବରୁ ସଂଳାପ, ସ୍ପଷ୍ଟ ନିର୍ଦ୍ଦେଶ ଓ ବିକଳ୍ପ ସ୍ଥାନ ଦେବା ଭଳି ପଦକ୍ଷେପ ଉତେଜନା ହ୍ରାସ କରିପାରେ । କିନ୍ତୁ ଥରେ ହିଂସା ଆରମ୍ଭ ହେଲେ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରଥମ ଦାୟିତ୍ୱ ହୋଇଯାଏ । ଆମେ ଏଠାରେ ଏକ ମୌଳିକ ପ୍ରଶ୍ନ କରିବା ଦରକାର—କୌଣସି ବେସରକାରୀ ଆନ୍‌ଦୋଳନର ଦାବି ପାଇଁ ସରକାର କାହିଁକି ଜନସମ୍ପତିର କ୍ଷତିର ଭାର ବହନ କରିବ ? ସରକାରଙ୍କ ଭୂମିକା  ହେଉଛି ଆଇନ ଅନୁସାରେ ସମସ୍ତ ପକ୍ଷଙ୍କ କଥା ଶୁଣିବା, ଯଥାର୍ଥ ଦାବିର ସମାଧାନ ଖୋଜିବା ଏବଂ ଆଇନ ଭାଙ୍ଗିଲେ ଆଇନ ଅନୁସାରେ ପଦକ୍ଷେପ ନେବା । କୌଣସି ବେସରକାରୀ ସଂଘର ବ୍ୟବସାୟିକ ବିବାଦରେ ସରକାର ନିଜ ସମ୍ପତି ଧ୍ୱଂସ ହେବାକୁ ଦେଇପାରେ ନାହିଁ । ଜନତାଙ୍କ ସମ୍ପତ୍ତି ଜନତାଙ୍କର; ତାହାକୁ ସୁରକ୍ଷା କରିବା ରାଜ୍ୟର ଦାୟିତ୍ୱ । ଏହି ଘଟଣା ଆମକୁ ଆଉ ଏକ ବଡ଼ ଶିକ୍ଷା ଦେଉଛି—ଆନ୍‌ଦୋଳନର ଅର୍ଥ ଅରାଜକତା ନୁହେଁ । ଅଧିକାରର ଅର୍ଥ ଅସୀମ ସ୍ୱାଧୀନତା ନୁହେଁ । ପ୍ରତ୍ୟେକ ଅଧିକାର ସହିତ ଦାୟିତ୍ୱ ଯୋଡ଼ିତ । ନିଜ ଦାବି ପାଇଁ ଆନ୍‌ଦୋଳନ କରୁଥିବା ବ୍ୟକ୍ତି ଅନ୍ୟ ନାଗରିକଙ୍କ ଜୀବନ, ସୁରକ୍ଷା, ଯାତାୟାତ ଓ ସମ୍ପତ୍ତିକୁ ବିପଦରେ ପକାଇବାର ଅଧିକାର ରଖେନାହିଁ । ଆମ ବସ୍‌ର ଚାଳକ, ପରିଚାଳକ, ଯାତ୍ରୀ ଓ ପଥଚାରୀମାନଙ୍କ ସୁରକ୍ଷା କୌଣସି ଆନ୍‌ଦୋଳନଠାରୁ ଛୋଟ ନୁହେଁ । ଜଣେ ନିରୀହ ଯାତ୍ରୀଙ୍କ ଜୀବନ ଯଦି ଏପରି ହିଂସାରେ ବିପଦରେ ପଡ଼ ?, ତାହାର ଦାୟିତ୍ୱ କିଏ ନେବ ? ଏହି ପ୍ରଶ୍ନର ଉତ୍ତର ସମାଜକୁ ଖୋଜିବାକୁ ହେବ । ତେଣୁ ଆଜିର ଆବଶ୍ୟକତା ହେଉଛି କଠୋରତା ସହିତ ନ୍ୟାୟ, ଏବଂ ନ୍ୟାୟ ସହିତ ସଂଯମ । ହିଂସାକାରୀଙ୍କ ବିରୋଧରେ ଆଇନ ଅନୁସାରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହେଉ; ନଷ୍ଟ ହୋଇଥିବା ସରକାରୀ ସମ୍ପତ୍ତିର କ୍ଷତିର ମୂଲ୍ୟାୟନ ହେଉ; ଘଟଣାର ସମ୍ପୂର୍ଣ୍ଣ ଚିତ୍ର ପାଇଁ ଉପଲବ୍ଧ ପ୍ରମାଣ, ଦୃଶ୍ୟ ରେକର୍ଡ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଆଧାର କରାଯାଉ; ଏବଂ ନିର୍ଦ୍ଦୋଷ ଲୋକଙ୍କୁ ହଇରାଣ ନକରାଯାଉ । ସେହି ସମୟରେ ଆନ୍‌ଦୋଳନକାରୀଙ୍କ ଯଥାର୍ଥ ଅଭିଯୋଗ ଥିଲେ ତାହାକୁ ଆଲୋଚନାର ଟେବୁଲକୁ ଆଣାଯାଉ । ଗଣତନ୍ତ୍ରରେ ସଂଳାପର ଦ୍ୱାର କେବେ ବନ୍ଦ ହେବା ଉଚିତ ନୁହେଁ; କିନ୍ତୁ ସଂଳାପର ଦ୍ୱାର ଖୋଲା ରଖିବାର ଅର୍ଥ ଆଇନ ଭାଙ୍ଗିବାକୁ ଛାଡ଼ ଦେବା ନୁହେଁ । ଆଜି ସମାଜକୁ ଏକ ସ୍ପଷ୍ଟ ସନ୍ଦେଶ ଦେବାର ସମୟ—ଆନ୍‌ଦୋଳନକୁ ସମ୍ମାନ, ଦାବିକୁ ଶୁଣାଣି, କିନ୍ତୁ ହିଂସାକୁ ଶୂନ୍ୟ ସହନଶୀଳତା । ରାଜ୍ୟର ରାସ୍ତା କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ; ସରକାରୀ ବସ୍ କାହାର ବ୍ୟକ୍ତିଗତ ଶତ୍ରୁ ନୁହେଁ; ପୁଲିସ ଯାନ ଭାଙ୍ଗିବା କୌଣସି ଦାବିକୁ ନ୍ୟାୟସଙ୍ଗତ କରେନାହିଁ । ଆଇନ ହାତକୁ ନେଲେ ଗଣତନ୍ତ୍ର ଶକ୍ତିଶାଳୀ ହୁଏନାହିଁ, ବରଂ ଦୁର୍ବଳ ହୁଏ । ଓଡ଼ିଶାର ରାଜଧାନୀରେ ଏପରି ଘଟଣା ପୁନରାବୃତି ନହେବା ପାଇଁ ପ୍ରଶାସନ, ପୁଲିସ, ପରିବହନ ସଂସ୍ଥା ଓ ସମ୍ପୃକ୍ତ ସଂଘ—ସମସ୍ତଙ୍କୁ ଦାୟିତ୍ୱଶୀଳ ହେବାକୁ ପଡ଼ିବ । ଦାବି ରହୁ, ପ୍ରତିବାଦ ରହୁ, ଆନ୍‌ଦୋଳନ ରହୁ—କିନ୍ତୁ ଓଡ଼ିଶାର ରାସ୍ତାରେ ହିଂସା ନୁହେଁ । ଜନସମ୍ପତ୍ତି ଧ୍ୱଂସ ନୁହେଁ । ଆଇନକୁ ଅବମାନନା ନୁହେଁ । ଗଣତନ୍ତ୍ରର ସୌନ୍ଦର୍ଯ୍ୟ ହେଉଛି ମତଭେଦ ମଧ୍ୟରେ ମଧ୍ୟ ଶାନ୍ତିପୂର୍ଣ୍ଣ ସଂଳାପ ।

Printed, Published, Edited and Owned by Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ଝାରସୁଗୁଡ଼ାରେ ଫିନଫେଷ୍ଟ ଓ ଭେଣ୍ଡର ଡେଭଲପମେଂଟ ପ୍ରୋଗ୍ରାମ୍



ଝାରସୁଗୁଡ଼ା,୨୩/୮(ନି/ପ୍ର): କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି ପକ୍ଷରୁ ଝାରସୁଗୁଡ଼ାରେ ସି ଆଇ ଆଇ ଫିନଫେଷ୍ଟ ଓ ଭେଣ୍ଡର ଡେଭଲପମେଂଟ ପ୍ରୋଗ୍ରାମ୍ ୨୦୨୬' ଆୟୋଜିତ ହୋଇଛି। ଏଥିରେ ଶିଳ୍ପପତି, ଆର୍ଥିକ ପ୍ରତିଷ୍ଠାନ, ସରକାରୀ ପ୍ରତିନିଧି ଓ ଏମ୍ ଏସ ଏମ ଇ ଉଦ୍ୟୋଗୀମାନେ ଯୋଗଦେଇ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଅର୍ଥ ଯୋଗାଣ, ବ୍ୟାଙ୍କିଂ ସୁବିଧା ଏବଂ ବ୍ୟବସାୟିକ ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଟଙ୍କଧର ତ୍ରିପାଠୀ କହିଥିଲେ ଯେ, ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବା, ନିଯୁକ୍ତି ସୃଷ୍ଟି କରିବା ଓ ସମାବେଶୀ ଶିଳ୍ପ ବିକାଶରେ ଏମ୍ଏସ ମଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏମ୍ ଏସ ଏମ ଇ କ୍ଷେତ୍ରକୁ ଅର୍ଥ, ପ୍ରଯୁକ୍ତି, ବଜାର ଓ ବ୍ୟବସାୟିକ ସୁଯୋଗ ଯୋଗାଇବା ପାଇଁ ସରକାର, ଶିଳ୍ପ ଓ ଆର୍ଥିକ ପ୍ରତିଷ୍ଠାନ ମଧ୍ୟରେ ଅଧିକ ସମନ୍ୱୟ ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ଝାରସୁଗୁଡ଼ାରେ ବିକଶିତ ହେଉଥିବା ଶିଳ୍ପ ପରିବେଶର ସୁଯୋଗ ନେଇ ସ୍ଥାନୀୟ ଉଦ୍ୟୋଗୀମାନେ ବୃହତ୍ ଶିଳ୍ପ ଓ ଅନୁଷ୍ଠାନଗୁଡ଼ିକ ସହ ଦୃଢ଼ ସମ୍ପର୍କ ଗଢ଼ିବାକୁ ସେ ଆହ୍ୱାନ ଦେଇଥିଲେ। ସ୍ୱାଗତ ଭାଷଣରେ ଏମ୍ ଏସ ଏମ୍ ଇ ୱେଷ୍ଟ ଓଡ଼ିଶା ଜୋନାଲ୍ କାଉନ୍ସିଲ୍ ଅଧ୍ୟକ୍ଷ ତଥା ବେଦାନ୍ତ ଆଲୁମିନିୟମ୍ ମେଟାଲ୍ ଲିମିଟେଡ୍ ସି ଇ ଓ ସି. ଚନ୍ଦ୍ରୁ ଏମ୍ ଏସ ଏମ ଇ ପରିବେଶକୁ ସୁଦୃଢ଼ କରିବା ସହ ଅଂଚଳରେ ଉଦ୍ୟୋଗ ବିକାଶ ପାଇଁ ଶିଳ୍ପ ସଂଯୋଗକୁ ଆହୁରି ମଜବୁତ କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ, ଓଡ଼ିଶାର ଜେନେରାଲ୍ ମ୍ୟାନେଜର ତଥା ଜୋନାଲ୍ ମ୍ୟାନେଜର ଭୂଷଣ ଶର୍ମା ଏମ୍ ଏସ ଏମ ଇ ପାଇଁ ଅର୍ଥ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବାର ଆବଶ୍ୟକତା ଦର୍ଶାଇଥିଲେ। ବ୍ୟବସାୟ ବୃଦ୍ଧି ଓ ପ୍ରତିଯୋଗିତାମୂଳକ କ୍ଷମତା ବଢ଼ାଇବା ପାଇଁ ଉଦ୍ୟୋଗୀମାନେ ଉପଲବ୍ଧ ବ୍ୟାଙ୍କିଂ ସୁବିଧାର ଲାଭ ନେବାକୁ ସେ ପରାମର୍ଶ ଦେଇଥିଲେ। ଝାରସୁଗୁଡ଼ା ଜିଲ୍ଲା ସ୍ମଲ୍ ସ୍କେଲ୍ ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍ ର ସଭାପତି ବିକାଶ କୁମାର ସୁଲ୍ତାନିଆ ସ୍ଥାନୀୟ ଏମ୍ ଏସ ଏମ ଇ ପରିବେଶକୁ ସହଯୋଗ କରିବା ସହ କ୍ଷୁଦ୍ର ଶିଳ୍ପଗୁଡ଼ିକ ପାଇଁ ଅଧିକ ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ। ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡ୍ର ହେଡ୍ କମର୍ସିଆଲ୍ ବରିନ୍ଦର ବର୍ମା ବୃହତ୍ ଶିଳ୍ପ ଓ ଏମ୍ ଏସ ଏମ ଇ ମଧ୍ୟରେ ଅଧିକ ଦୃଢ଼ ସମ୍ପର୍କ ଗଠନ ସହ ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ଶିଳ୍ପ ମୂଲ୍ୟ ଶୃଙ୍ଖଳାରେ ସାମିଲ କରିବାର ସୁଯୋଗ ଉପରେ ଆଲୋକପାତ କରିଥିଲେ। ସି ଆଇ ଆଇ ଓଡ଼ିଶା ଫାଇନାନ୍ସ ଆଣ୍ଡ ବ୍ୟାଙ୍କିଂ ପ୍ୟାନେଲ ର କନଭେନର୍ ତଥା ଏନ୍. ମାନେକ୍ ପ୍ରାଇଭେଟ୍ ଲିମିଟେଡ୍ର ନିର୍ଦ୍ଦେଶକ ନିତିନ୍ ମାନେକ୍ ତାଙ୍କ ସମାପନୀ ଅଭିଭାଷଣରେ ଏମ୍ ଏସ ଏମ ଇ, ଶିଳ୍ପ ଓ ଆର୍ଥିକ ପ୍ରତିଷ୍ଠାନ ମଧ୍ୟରେ ଅଧିକ ସମନ୍ୱୟ ମାଧ୍ୟମରେ ଅର୍ଥ ପ୍ରାପ୍ତି ସହଜ କରିବା ଏବଂ ଅଧିକ ବ୍ୟବସାୟିକ ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଏମ୍ ଏସ ଏମ ଇ ପାଇଁ ବ୍ୟାଙ୍କିଂ: ଯୋଜନା, ସମାଧାନ ଓ ସୁଯୋଗ' ଶୀର୍ଷକ ଅଧିବେଶନ। ନିତିନ୍ ମାନେକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ବିଭିନ୍ନ ପ୍ରମୁଖ ଆର୍ଥିକ ପ୍ରତିଷ୍ଠାନ ଓ ସରକାରୀ ଏଜେନ୍ସିର ପ୍ରତିନିଧିମାନେ ଯୋଗଦେଇ ଏମ୍ଏସ ମଇ ପାଇଁ ଉପଲବ୍ଧ ବ୍ୟାଙ୍କିଂ ଯୋଜନା, ଅର୍ଥ ଯୋଗାଣ ସମାଧାନ ଓ ବ୍ୟବସାୟିକ ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଅନୁଷ୍ଠିତ ଏକ-ଟୁ-ଏକ ବି ଟୁ ବି ବୈଠକ ମାଧ୍ୟମରେ ଉଦ୍ୟୋଗୀମାନେ ଆର୍ଥିକ ପ୍ରତିଷ୍ଠାନ ଓ ଶିଳ୍ପ ସଂସ୍ଥାଗୁଡ଼ିକ ସହ ସିଧାସଳଖ ବ୍ୟବସାୟିକ ଆଲୋଚନାର ସୁଯୋଗ ପାଇଥିଲେ। ଏହା ଓଡ଼ିଶାରେ ଏମ୍ଏସଏମଇ ପରିବେଶକୁ ସୁଦୃଢ଼ କରିବା, ଅର୍ଥ ପ୍ରାପ୍ତି ସହଜ କରିବା ଏବଂ ବୃହତ୍ ଶିଳ୍ପ ସହ ସ୍ଥାନୀୟ ଉଦ୍ୟୋଗଗୁଡ଼ିକର ସଂଯୋଗ ବଢ଼ାଇବା ଦିଗରେ ଏକ ପ୍ରଭାବଶାଳୀ ପଦକ୍ଷେପ ବୋଲି ଆୟୋଜକମାନେ କହିଛନ୍ତି।

# ଜିଲ୍ଲାସ୍ତରୀୟ 'ପୋଶ ଆକ୍ଟ-୨୦୧୩' ସମ୍ବନ୍ଧୀୟ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର



ଝାରସୁଗୁଡ଼ା, ୨୩/୮(ନି/ପ୍ର): ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡ଼ନର ପ୍ରତିରୋଧ, ନିଷେଧ ଏବଂ ଅଭିଯୋଗର ଉପଯୁକ୍ତ ପ୍ରତିକାର ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଡିଏମ୍ଏଫ୍ ଅଡିଟୋରିୟମ ହଲ୍ ରେ 'ପୋଶ ଆକ୍ଟ-୨୦୧୩' ଅଧୀନରେ ଆୟୋଜିତ ଏହି ଦିନିକିଆ ଶିବିରରେ ଇଣ୍ଟରନାଲ୍ କମିଟି, ଲୋକାଲ୍ କମିଟିର ସଦସ୍ୟ ଏବଂ ନୋଡାଲ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଭିକ୍ଟୋରିଆ ଏକ୍କା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥି ଓ ପ୍ରଶିକ୍ଷାର୍ଥୀମାନଙ୍କୁ ସ୍ୱାଗତ କରାଯିବା ପରେ ଆଇନଗତ ବ୍ୟବସ୍ଥା, କମିଟି ସଦସ୍ୟଙ୍କ ଭୂମିକା ଏବଂ ଅଭିଯୋଗ ସମାଧାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। ଶିବିରରେ ସମ୍ବଳ ବ୍ୟକ୍ତି ଭାବେ ସାଧନା ପାଣ୍ଡେୟ ଯୋଗଦେଇ ଆଇ ସି /ଏଲ ସି ଓ ନୋଡାଲ ଅଫିସରମାନଙ୍କ କାର୍ଯ୍ୟଦକ୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ତାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏକ 'ମକ୍ ଡ୍ରିଲ୍' ଜରିଆରେ ଅଭିଯୋଗ ଗ୍ରହଣ, ତଦନ୍ତ ପ୍ରକ୍ରିୟା ଏବଂ ସମାଧାନର ବ୍ୟବସ୍ଥାକୁ ପ୍ରାକ୍ଟିକାଲ୍ ଭାବେ ପ୍ରଦର୍ଶିତ କରାଯାଇଥିଲା। ଅନ୍ୟତମ ସମ୍ବଳ ବ୍ୟକ୍ତି ବି. ନାଗେଶ୍ୱରୀ ଏବଂ ସୁଶୀଲ କୁମାର ଦାଶ ଉପସ୍ଥିତ ରହି ତଦନ୍ତ ପଦ୍ଧତି, ନିୟମାବଳୀ ଓ ଇନକ୍ୱାରୀ ରିପୋର୍ଟ ପ୍ରସ୍ତୁତିର ସଠିକ୍ ଶୈଳୀ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଡିଏଚ୍ଇଡବ୍ଲୁ ର ଜିଲ୍ଲା ସଂଯୋଜକ ଲିଲେଶ୍ୱର ସାହୁ ସି ବକ୍ସ ପୋର୍ଟାଲର ଉପଯୋଗିତା, ଅନଲାଇନ୍ ଅଭିଯୋଗ ଦାଖଲ ଏବଂ ଏହାର କାର୍ଯ୍ୟପ୍ରଣାଳୀ ଉପରେ ଏକ ସ୍ୱତନ୍ତ୍ର ଅଧିବେଶନ ପରିଚାଳନା କରିଥିଲେ। ଏହାପରେ ଡିପିଏମ୍-ଓଏଲ୍ଏମ୍ ପୁଷ୍ପଶ୍ରୀ ନାୟକଙ୍କ ସଂଯୋଜନାରେ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ଦଳଗତ ଆଲୋଚନା ଅନୁଷ୍ଠିତ ହୋଇଥିଲା। ପିଓ-କମ୍-ପିଓ ଯାଜ୍ଞସେନୀ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିବା ବେଳେ, ଜିଲ୍ଲାର ପ୍ରତ୍ୟେକ କାର୍ଯ୍ୟାଳୟରେ ମହିଳା କର୍ମଚାରୀଙ୍କ ପାଇଁ ଏକ ଭୟମୁକ୍ତ, ସୁରକ୍ଷିତ ତଥା ସମ୍ମାନଜନକ ପରିବେଶ ସୃଷ୍ଟି କରିବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତ ପ୍ରକାଶ ପାଇଛି।

# ୨୫ଟି ପ୍ରତିଷ୍ଠାନ ଯାଂଚ୍, ୨୨ ହଜାର ଟଙ୍କା ଜରିମାନା ଆଦାୟ

ଝାରସୁଗୁଡ଼ା,୨୩/୮(ନି/ପ୍ର):ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ବ୍ରଜରାଜନଗର ଅଂଚଳରେ ଖାଦ୍ୟ ନିରାପତା ଆଇନ ଉଲ୍ଲଙ୍ଘନ ଏବଂ ନିଷିଦ୍ଧ ପ୍ଲାଷ୍ଟିକ ବ୍ୟବହାର ବିରୁଦ୍ଧରେ ଏକ ବ୍ୟାପକ ମିଳିତ ଚଢ଼ଉ ହୋଇଛି। ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କ ନେତୃତ୍ୱରେ ପୌରପାଳିକା ଟିମ୍, ଖାଦ୍ୟ ସୁରକ୍ଷା ଅଧିକାରୀ କୁନ୍ଦନ ଲୋହାର, ପୋଲିସ ଉପ-ନିରୀକ୍ଷକ ପ୍ରଦୀପ କୁମାର ସାହୁ, ଅଫିସ ସହାୟକ ଯାଦବ ଦେହେରୀ ଏବଂ ପୌର କର୍ମଚାରୀମାନେ ଏହି ଏନଫୋର୍ସମେଂଟ ଡ୍ରାଇଭ୍ ରେ ସାମିଲ ହୋଇଥିଲେ। ଗତକାଲି ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ବ୍ରଜରାଜନଗରରୁ ଗାନ୍ଧୀ ଛକ ମଧ୍ୟରେ ଥିବା ପ୍ରାୟ ୨୫ଟି ହୋଟେଲ, ଢାବା, କାଫେ, ରେଷ୍ଟୁରାଂଟ, ଫାଷ୍ଟଫୁଡ୍ ଷ୍ଟଲ୍ ଓ ଜଳଖିଆ ଦୋକାନ ବ୍ୟାପକ ଯାଂଚ୍ କରାଯାଇଥିଲା। ଖାଦ୍ୟ ନିରାପତା ଏବଂ ମାନକ ଆଇନ ଉଲ୍ଲଙ୍ଘନ ଅଭିଯୋଗରେ ୭,୦୦୦ ଟଙ୍କା ଏବଂ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ବାବଦରେ ୬,୨୦୦ ଟଙ୍କା ସମେତ ମୋଟ ୨୨,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଢ଼ାଉ ବେଳେ ପ୍ରାୟ ୧୫ କିଲୋଗ୍ରାମ ଅସ୍ୱାସ୍ଥ୍ୟକର ତଥା ବାସି ଖାଦ୍ୟ ଜବତ କରି ନଷ୍ଟ କରାଯାଇଥିଲା। ଏହା ସହିତ ପରୀକ୍ଷାଗାର ବିଶ୍ଳେଷଣ ପାଇଁ ୬ଟି ପାନୀୟ ଜଳ ନମୁନା ଏବଂ ୩ଟି ପନିର ନମୁନା ସଂଗ୍ରହ କରାଯାଇଛି। ସ୍ୱଚ୍ଛତା ବଜାୟ ରଖିବା ଏବଂ ଏଫ୍ଏସ ଏସ ଇନର 'ସିଡ୍ୟୁଲ-୪' ନିୟମାବଳୀ ପାଳନ କରିବା ପାଇଁ ୩ଟି ଖାଦ୍ୟ ବ୍ୟବସାୟିକ ପ୍ରତିଷ୍ଠାନକୁ ଇମ୍ପ୍ରୁଭମେଂଟ ନୋଟିସ୍ ଜାରି କରାଯାଇଛି। ଅନ୍ୟପକ୍ଷରେ, ପରିବେଶ ସୁରକ୍ଷା ଦୃଷ୍ଟିରୁ ବେଆଇନ ଭାବେ ବ୍ୟବହୃତ ହେଉଥିବା ପ୍ରାୟ ୧୬ରୁ ୨୫ କିଲୋଗ୍ରାମ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ଜବତ କରି ନଷ୍ଟ କରାଯାଇଛି।

# କଂକ୍ରିଟ୍ ମିକ୍ସଚର ମେସିନ୍ ଚୋରି ମାମଲା : ମୁଖ୍ୟ ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୩/୮(ନି/ପ୍ର): ସମ୍ବଲପୁର ପୋଲିସ ଜିଲ୍ଲା ଅନ୍ତର୍ଗତ ହୀରାକୁଦ ଥାନା ପୋଲିସ ଗତ ଅଗଷ୍ଟ ୧ ତାରିଖରେ ହୋଇଥିବା କଂକ୍ରିଟ୍ ମିକ୍ସଚର ମେସିନ୍ ଚୋରି ଘଟଣାର ତଦନ୍ତ କରି ଶେଷରେ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ ସିଲିପଥର ପୋଖରୀ ନିକଟରୁ ଏକ କଂକ୍ରିଟ୍ ମିକ୍ସଚର ମେସିନ୍ ଚୋରି ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହେବାପରେ ପୋଲିସ ୧୬୩/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇ ଶେଷରେ ମୁଖ୍ୟ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଛି। ହୀରାକୁଦ ନୂଆବଜାର ଅଂଚଳର ଦେବାଶିଷ ପାଢ଼ୀ ଯିଏକି ସମ୍ବଲପୁର ମହାନଗର ନିଗମ ଅଧୀନରେ ବିଭିନ୍ନ ଠିକା କାର୍ଯ୍ୟ କରିଥାନ୍ତି। ତାଙ୍କର ୧ ଲକ୍ଷ ୭୦ ହଜାର ଟଙ୍କା ମୂଲ୍ୟର ଏକ କଂକ୍ରିଟ୍ ମିକ୍ସଚର ମେସିନ୍ ଗତ ଅଗଷ୍ଟ ୧ ତାରିଖ ରାତି ୧ଟାରୁ ୩ଟା ମଧ୍ୟରେ କୌଣସି ଦୁର୍ବୃତ୍ତ ଚୋରି କରି ନେଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଶେଷରେ ବଜରଙ୍ଗ ସାହାଣୀ ଓ ଶିବ ପାଣ୍ଡେ ନାମକ ଦୁଇ ସନ୍ଦିଗ୍ଧଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଘଟଣାର ମୁଖ୍ୟ ଅଭିଯୁକ୍ତ ସୁରଜ ମିର୍ଦ୍ଧା ପୋଲିସକୁ ଚକମା ଦେଇ ଫେରାର ଥିବା ବେଳେ ତାକୁ ଅଗଷ୍ଟ ୨୦ ତାରିଖରେ ପୋଲିସ ମାଡି ବସିଥିଲା। ସୂଚନାଯୋଗ୍ୟ ୧ ତାରିଖରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସମୟରେ ହିଁ ପୋଲିସ ଚୋରି ହୋଇଥିବା ମିକ୍ସଚର ମେସିନ୍ ସହ ଟ୍ରାକ୍ଟରକୁ ଜବତ କରିଥିଲା।

# ବିଦ୍ୟୁତ୍ ତାର ଚୋରି ଘଟଣା : ୫ଶହ ମିଟର ତାର ଜବତ, ୧୨ ଜଣଙ୍କୁ ବାନ୍ଧିଲା ପୋଲିସ



ସମ୍ବଲପୁର,୨୩/୮(ନି/ପ୍ର): ସମ୍ବଲପୁର ପୋଲିସ ଜିଲ୍ଲା ଅନ୍ତର୍ଗତ ରେଢ଼ାଖୋଲ ଥାନା ପୋଲିସ ଏକ ବଡ଼ ଧରଣର ବିଦ୍ୟୁତ୍ ତାର ଚୋରି ଘଟଣାର ତଦନ୍ତ କରି ୧୨ ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ବାରମ୍ବାର ବିଦ୍ୟୁତ୍ ତାର ଚୋରି ନେଇ ଅଭିଯୋଗ ହେଉଥିବା ବେଳେ ରେଢାଖୋଲ ଥାନାରେ ରୁଜୁ ହୋଇଥିବା ୫୩/୨୬ ମାମଲାକୁ ଜୋରଦାର ତଦନ୍ତ କରି ଏହି ସଫଳତା ପାଇଥିଲା। ସୂଚନାନୁଯାୟୀ ତ୍ରିବନପୁର ୧୧ କେଭି ଫିଡର ନିକଟରୁ ଟ୍ରକ୍ ଯୋଗେ ବିଦ୍ୟୁତ୍ କଣ୍ଡକ୍ଟର କାଟି ଚୋରି କରାଯାଇଥିବା ସୁରାକ ପାଇବା ମାତ୍ରେ ପୋଲିସ ଅଚାନକ ଘଟଣା ସ୍ଥଳରେ ଚଢ଼ାଉ କରିଥିଲା। ପୋଲିସର ଏଭଳି ଅଚାନକ ଚଢ଼ାଉକୁ ଦେଖି ଅଭିଯୁକ୍ତମାନେ ଖସିଯିବା ସହ କଟିଂ ଉପକରଣ ଦେଖାଇ ପୋଲିସ ଟିମ୍‌କୁ ଭୟଭିତ କରାଇଥିଲେ। ଏଥିରେ ପୋଲିସ ପଛଘୁଂଚା ନଦେଇ ଘଟଣାରେ ସଂପୃକ୍ତ ୧୨ ଜଣଙ୍କୁ କାବୁ କରି ଗିରଫ କରିଥିଲା। ସେମାନଙ୍କ ନିକଟରୁ ପୋଲିସ୍ ପ୍ରାୟ ୫୦୦ ମିଟର ଲମ୍ବର ୧୧ କେଭି ବିଦ୍ୟୁତ୍ କଣ୍ଡକ୍ଟର, (ଯାହାର ଆନୁମାନିକ ମୂଲ୍ୟ ୧.୫ ଲକ୍ଷ ଟଙ୍କା) ଜବତ କରିବାରେ ସମର୍ଥ ହୋଇଥିଲା। ଏଥିସହ ଏଥିରେ ବ୍ୟବହୃତ ହୋଇଥିବା ଓଡି ୧୫ ଏକ୍ସ ୮୭୦୪ ନମ୍ବରର ଏକ ମିନି ଟ୍ରକ୍ ଦୁଇଟି ଲୁହା କେବୁଲ୍ କଟର, ହ୍ୟାକ୍ସଅ ଫ୍ରେମ୍ ସହ ୬ଟି ବ୍ଲେଡ୍ ଓ ୫ଟି ମୋବାଇଲ୍ ଫୋନ୍ ଜବତ କରିଛି। ଏହି ବିଦ୍ୟୁତ୍ ତାର ଚୋରି ଘଟଣାରେ ପୋଲିସ କାଂଚନପୁର ଗ୍ରାମର ଅମରଜିତ କିସାନ ଓରଫ ଜିତା, ବିଶି କିସାନ, ରସାନନ୍ଦ ଭୋଇ, କୃପାସିନ୍ଧୁ ଭୋଇ, ବୁଲୁ ପାତ୍ର, ସୁଶାନ୍ତ ଛେଣ୍ଡିଆ, ଅନିଲ ସେଠୀ, ରଜତ କୁମାର ବିଶି, ସୁଧାଂଶୁ ଭୋଇ ଓରଫ କାଲିଆ, ଗଗନ ବିଶି, ନିରଞ୍ଜନ ସାହୁ ଏବଂ ଗିରିଶଚନ୍ଦ୍ରପୁର ଗ୍ରାମର ମୋହନ କୁମାର ଜାନିକୁ ଗିରଫ କରିଛି। ସମସ୍ତ ଗିରଫ ଅଭିଯୁକ୍ତମାନେ କିସିଣ୍ଡା ଥାନା ଅଂଚଳର ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ପଚରାଉଚରା ବେଳେ ଅଭିଯୁକ୍ତମାନେ ସୁନାପାଲି ଅଂଚଳର ମହମ୍ମଦ ସିରାଜର ନିର୍ଦ୍ଦେଶକ୍ରମେ ଚୋରି କରୁଥିବା ସ୍ୱୀକାର କରିଛନ୍ତି।

# ୧୬ କିଲୋ ନିଷିଦ୍ଧ ପ୍ଲାଷ୍ଟିକ ଜବତ, ୬,୨୦୦ ଟଙ୍କା ଜରିମାନା ଆଦାୟ

ଝାରସୁଗୁଡ଼ା,୨୩/୮(ନି/ପ୍ର): ସହରରେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକର ବ୍ୟବହାର ଉପରେ ରୋକ୍ ଲଗାଇବା ସହ ପରିବେଶ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ବ୍ରଜରାଜନଗର ପୌରପାଳିକା ପକ୍ଷରୁ ଚଢ଼ଉ ଓ ଯାଂଚ୍ ଅଭିଯାନ ଜୋରଦାର୍ କରାଯାଇଛି। ପୌରପାଳିକାର ଅଧିକାରୀ ଓ କର୍ମଚାରୀମାନେ ସହରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ ଦୋକାନରେ ଚଢ଼ଉ କରି ନିଷିଦ୍ଧ ପ୍ଲାଷ୍ଟିକ ସାମଗ୍ରୀର ଯାଂଚ୍ କରିଥିଲେ। ଏହି ଅଭିଯାନ ସମୟରେ ବିଭିନ୍ନ ସ୍ଥାନରୁ ପ୍ରାୟ ୧୬ କିଲୋଗ୍ରାମ ନିଷିଦ୍ଧ ପ୍ଲାଷ୍ଟିକ ଜବତ କରାଯାଇଥିଲା। ନିୟମ ଉଲ୍ଲଂଘନ କରି ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ଓ ବିକ୍ରୟ କରୁଥିବା ବ୍ୟକ୍ତି ଓ ବ୍ୟବସାୟୀଙ୍କ ବିରୋଧରେ ପୌରପାଳିକା ପକ୍ଷରୁ ଜରିମାନା ଆଦାୟ କରାଯାଇଛି। ଏହି କ୍ରମରେ ମୋଟ ୬,୨୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡ଼ିଛି। ପ୍ଲାଷ୍ଟିକ ଜବତ କରିବା ସହ ପୌରପାଳିକା ପକ୍ଷରୁ ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବ୍ୟବହାରରୁ ଦୂରେଇ ରହିବାକୁ ସଚେତନ କରାଯାଇଛି। ପ୍ଲାଷ୍ଟିକ ଯୋଗୁଁ ପରିବେଶ ପ୍ରଦୂଷଣ, ନାଳ ଜାମ୍ ଓ ଜଳ ନିଷ୍କାସନ ସମସ୍ୟା ସୃଷ୍ଟି ହେବା ସହ ଜନଜୀବନ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡୁଥିବାରୁ ପୌରପାଳିକା ଏହାର ବ୍ୟବହାରକୁ ନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଆଗାମୀ ଦିନରେ ମଧ୍ୟ ସହରର ବିଭିନ୍ନ ଅଂଚଳରେ ଏଭଳି ଚଢ଼ଉ ଓ ଯାଂଚ୍ ଜାରି ରହିବ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି। ନିଷିଦ୍ଧ ପ୍ଲାଷ୍ଟିକ ବ୍ୟବହାର କିମ୍ବା ବିକ୍ରୟ କରୁଥିବା ଦୋକାନୀଙ୍କ ବିରୋଧରେ ଆଗାମୀ ଦିନରେ ମଧ୍ୟ ନିୟମାନୁସାରେ ଜରିମାନା ସହ ଅନ୍ୟାନ୍ୟ ପଦକ୍ଷେପ ନିଆଯିବ। ସହରକୁ ପ୍ଲାଷ୍ଟିକମୁକ୍ତ ଓ ସ୍ୱଚ୍ଛ ରଖିବା ପାଇଁ ପୌରପାଳିକାର ଏହି ଅଭିଯାନକୁ ସାଧାରଣ ଲୋକ ଓ ବ୍ୟବସାୟୀମାନେ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଛି।

# ଚାଲାଣ ପୂର୍ବରୁ ବଜ୍ରକାପ୍ତା ଉଦ୍ଧାର, ୩ ଅଭିଯୁକ୍ତ ଗିରଫ



ନୂଆପଡ଼ା,୨୩/୮(ନି/ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବନଖଣ୍ଡ ବିଭାଗକୁ ବଜ୍ରକାପ୍ତା ଚୋରାଚାଲାଣ ରୋକିବାରେ ବଡ଼ ସଫଳତା ମିଳିଛି। ବନ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇ ଏକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ଖଡ଼ିଆଳ ଥାନା ରାଣୀମୁଣ୍ଡାର ଗ୍ରାମର ବାଲକୃଷ୍ଣ ହାତୀ (୩୦), ସୋନୁ ହାତୀ (୪୦) ଏବଂ ଛତିଶଗଡ଼ର ଗରିଆବନ୍ଦ ଜିଲ୍ଲା ପିଠାପଡ଼ାର ରୋଶନ ଠାକୁର (୩୧)। ସୂଚନା ଅନୁସାରେ ତିନି ଅଭିଯୁକ୍ତ ଓଡ଼ିଶା-ଛତିଶଗଡ଼ ସୀମା ଅଚଂଳରେ ବଜ୍ରକାପ୍ତା ଚୋରା ଚାଲାଣରେ ସମ୍ପୃକ୍ତ ଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଆଜିଜ ଖାଁନଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗର ଏକ ଟିମ୍ ଚଢ଼ାଉ କରିଥିଲା। ଖଡ଼ିଆଳ ରେଞ୍ଜ ଅନ୍ତର୍ଗତ ରାଣୀମୁଣ୍ଡା ବିଟ ପଲମା-ଝରନାଲା ସରକାରୀ ପମ୍ପ ହାଉସ ନିକଟରୁ ବଜ୍ରକାପ୍ତା ଉଦ୍ଧାର କରାଯାଇଥିଲା। ଜବତ ବଜ୍ରକାପ୍ତାର ଓଜନ ୭.୦୯୮ କିଲୋ ହୋଇଥିବା ବେଳେ ଏହାର ଅନ୍ତର୍ଜାତୀୟ ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଗିରଫ ପରେ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚୋରା ଚାଲାଣ ଘଟଣାରେ ଆଉ କେତେ ଜଣ ସମ୍ପୃକ୍ତ ଅଛନ୍ତି ଏବଂ ଏହା ପଛରେ କୌଣସି ବଡ଼ ଗ୍ୟାଙ୍ଗ ସକ୍ରିୟ ଅଛି କି ନାହିଁ, ସେନେଇ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଥିବା ଡିଏଫଓ ଶ୍ରୀ ଖାଁନ ପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୩/୮(ନି/ପ୍ର): ଜିଲ୍ଲା ସଂଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ଆଜି ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଏକ ଜିଲ୍ଲାସ୍ତରୀୟ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଝାରସୁଗୁଡ଼ା ବ୍ଲକର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ସୁମନା ପଣ୍ଡା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ ଆର୍ଥିକ ନିରାପତା ଏବଂ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ନାଗେଶ୍ୱର ମୁର୍ମୁ ଚିଟଫଣ୍ଡର କୁପ୍ରଭାବ ଓ ଅପକାରିତା ସମ୍ପର୍କରେ ସଚେତନ କରାଇଥିବା ବେଳେ ଇଣ୍ଡିଆ ପୋଷ୍ଟ ପେମେଂଟ ବ୍ୟାଙ୍କର ବରିଷ୍ଠ ଶାଖା ପରିଚାଳକ ହରିଶ ସଜନାସ୍ତୁ ବର୍ତ୍ତମାନ ସମୟରେ ବୃଦ୍ଧି ପାଉଥିବା ସାଇବର ଅପରାଧ ଏବଂ ଏଥିରୁ ସୁରକ୍ଷିତ ରହିବାର ଉପାୟ ବୁଝାଇଥିଲେ। ସେହିପରି ସମ୍ବଲପୁର ଶାଖା ଅଧିକାରୀ ମୁକୁନ୍ଦ ସାହୁ ବିଭିନ୍ନ ବୀମା ଯୋଜନା ଏବଂ ସୁମିତ ପ୍ରମାଣିକ 'ଅଟଳ ପେନସନ ଯୋଜନା'ର ଉପକାରିତା ସମ୍ପର୍କରେ ଉପସ୍ଥିତ ମହିଳାମାନଙ୍କୁ ଅବଗତ କରାଇଥିଲେ। ମୁଖ୍ୟ ଡାକଘର ପୋଷ୍ଟମାଷ୍ଟର ପ୍ରତାପ ଚନ୍ଦ୍ର ଭୋଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ସ୍ୱଳ୍ପ ସଂଚୟ ଯୋଜନା ଉପରେ ଆଲୋଚନା କରିଥିଲେ। ଓଏଲଏମ ଡିପିଏମ ପୁଷ୍ପଶ୍ରୀ ନାୟକ ଆର୍ଥିକ ସାକ୍ଷରତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂହ ଉପସ୍ଥିତ ମହିଳାମାନଙ୍କୁ ସଂଚୟ ଏବଂ ବୀମାକୁ ଜୀବନର ନିୟମିତ ଅଭ୍ୟାସରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ। ପରିଶେଷରେ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ସୁମନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗୀୟ କର୍ମଚାରୀ ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ସମ୍ବଲପୁର ଶାଖା ଅଧିକାରୀ ମୁକୁନ୍ଦ ସାହୁ ବିଭିନ୍ନ ବୀମା ଯୋଜନା ଏବଂ ସୁମିତ ପ୍ରମାଣିକ 'ଅଟଳ ପେନସନ ଯୋଜନା'ର ଉପକାରିତା ସମ୍ପର୍କରେ ଉପସ୍ଥିତ ମହିଳାମାନଙ୍କୁ ଅବଗତ କରାଇଥିଲେ।

# ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ଆଇନ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୨୩/୮(ନି/ପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ 'ଶକ୍ତିଶ୍ରୀ' କାର୍ଯ୍ୟଶାଳାର ପୋକ୍ସ୍ ଆଇନ୍ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆଇନ୍‌ଜୀବୀ ତଥା ଶିକ୍ଷାବିତ୍ ଡଃ ରାଧାରାଣୀ ମହାପାତ୍ର ଯୋଗଦେଇ ଆଇନ୍ ସଚେତନତାର ଗୁରୁତ୍ୱ ଉପରେ ମତଦାନ କରିବା ସଂଗେ ସଂଗେ ଛାତ୍ରୀମାନେ ଆତ୍ମନିର୍ଭର ଓ ଆତ୍ମସୁରକ୍ଷା ନିଜର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ମୁଖ୍ୟ ବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ଡ଼. କୃପାସିନ୍ଧୁ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା, ଆଇନ୍ ସଚେତନତା ଏବଂ ସାମାଜିକ ଦାୟିତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଶ୍ରୀ ଅକ୍ଷୟ କୁମାର ପାଣିଗ୍ରାହୀ ଓ ମଞ୍ଜୁଲତା ମହାପାତ୍ର ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀମାନେ ପୋକ୍ସୋ ଆଇନ୍ ଓ ଶୃଙ୍ଖଳା ସଂପର୍କରେ ମତ ରଖିଥିଲେ। 'ଶକ୍ତିଶ୍ରୀ'ର ସଂଯୋଜିକା ପ୍ରଭାତୀ ନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ସ୍ୱର୍ଣ୍ଣଲତା ପାକଳ ଧନ୍ୟବାଦ ଅର୍ପଣ କରିଥିଲେ।




# ରାଉରକେଲା ରେଳ ସୁରକ୍ଷା ବଳ କବଜାରେ ୨ ନିଶା ବେପାରୀ

## ୧୪ କେଜି ଗଞ୍ଜେଇ ଜବତ



ରାଉରକେଲା ୨୩/୮(ନି/ପ୍ର): ଆଜି ରାଉରକେଲା ରେଳ ସୁରକ୍ଷା ବଳ (ଆରପିଏଫ୍) ପକ୍ଷରୁ ଡଗ୍ ସ୍କାର୍ଡ କୁକୁର ମଟିଂ ସାହାଯ୍ୟରେ ରାଉରକେଲା ରେଳ ଷ୍ଟେସନରେ ନିଶା ଦ୍ରବ୍ୟ ବିରୁଦ୍ଧରେ ସକାଳ ୯ଟା ସମୟରେ ଏକ ସ୍ୱତନ୍ତ୍ର ଖାନତଲା କରାଯାଇଥିଲା ।ଏହି ସମୟରେ ଆରପିଏଫ୍ ଟିମ୍ ଦୁଇ ଜଣଙ୍କୁ ପ୍ଲାଷ୍ଟିକ୍ ଜରି ବସ୍ତା ଧରି ରାଉରକେଲା ରେଳ ଷ୍ଟେସନର ପୋର୍ଟିକୋ ଅଟଂଳରେ ସନ୍ଦେହଜନକ ଭାବରେ ଗତି କରୁଥିବାର ଲକ୍ଷ୍ୟ କରିଥିଲେ । ସନ୍ଦେହଜନକ ଅବସ୍ଥାରେ ଆରପିଏଫ୍ ଟିମ୍ ସେମାନଙ୍କୁ ଅଟକାଇଥିଲା । ଯାଚଂ କାଳରେ ଦୁଇ ଅଭିଯୁକ୍ତ ମଧ୍ୟରେ ସୋନପୁର ଜିଲ୍ଲା ଯୁବରାଜପୁରର ଗୋବର୍ଦ୍ଧନ ଧଳ(୩୧) ଏବଂ ବୌଦ୍ଧ ଖଟଖଟିଆର ଆଶୁତୋଷ ମାହାନ୍ତି (୩୦)ଙ୍କୁ ଅଟକ ରଖି ତାଙ୍କ ପାଖରେ ଥିବା ପ୍ଲାଷ୍ଟିକ୍ ବସ୍ତା ଯାଚଂ କରିବା ପରେ ସେଥିରେ ଗଞ୍ଜେଇ ମିଳିଥିଲା । ଅଟକ ଥିବା ଦୁଇ ବ୍ୟକ୍ତିଙ୍କୁ ପଚରାଉଚରା ବେଳେ ସେମାନେ ପ୍ରକାଶ କରିଥିଲେ ଯେ, ବୌଦ୍ଧରୁ ଗଞ୍ଜେଇ ଆଣି ଭୁସାୱାଲକୁ ପରିବହନ କରିବା ପାଇଁ ସେମାନେ ନେଉଥିଲେ । ଆରପିଏଫ୍ ଟିମ୍ ସଂପୃକ୍ତ ଦୁଇ ଅଭିଯୁକ୍ତଙ୍କ ସହିତ ୨ଟି ମୋବାଇଲ ଏବଂ ୧୪ କେଜି ଗଞ୍ଜେଇ (ଗଞ୍ଜେଇର ଆନୁମାନିକ ମୂଲ୍ୟ ୭ ଲକ୍ଷ ୮୦ ହଜାର ଟଙ୍କା) ଜବତ କରିବା ସହ ରାଉରକେଲା ଅବକାରୀ ବିଭାଗକୁ ହସ୍ତାନ୍ତର କରିଥିଲେ । ରାଉରକେଲା ଅବକାରୀ ବିଭାଗ ଏନଡିପିଏସ୍ ଧାରା ୨୦(ଭ)(ସସ) (ଇ)ରେ ମାମଲା ରୁଜୁ କରି, କେସ୍ ନମ୍ବର-୧୪୪, ତା ୨୨-୮-୨୦୨୬ ରିଖରେ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

# ଭଡ଼ା ଘରେ ଜୀବନ ହାରିଲେ ନର୍ସ, କାରଣ ଅସ୍ପଷ୍ଟ




ସୁନ୍ଦରଗଡ,୨୩/୮(ନି/ପ୍ର): ସୁନ୍ଦରଗଡ଼ ସହରର ଶ୍ରୀରାମ ନଗର ଅଚଂଳରେ ଜଣେ ୨୩ ବର୍ଷୀୟା ଯୁବତୀଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଚାଂଚଲ୍ୟ ସୃଷ୍ଟି ହୋଇଛି । ମୃତ ଯୁବତୀ ଜଣକ ସୁସ୍ମିତା ତିର୍କୀ ବୋଲି ଜଣାପଡ଼ିଛି । ସେ ଶ୍ରୀରାମ ନଗରରେ ଏକ ଭଡ଼ା ଘରେ ରହୁଥିଲେ । ସୂଚନା ଅନୁସାରେ, ସୁସ୍ମିତା ନିଜ ଓଢ଼ଣିରେ ବେକରେ ଫାଶ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ଘଟଣା ସମ୍ପର୍କରେ ଖବର ପାଇ ସୁନ୍ଦରଗଡ଼ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଚିଂ ତଦନ୍ତ ଆରମ୍ଭ କରିଛି । ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ମୃତ ସୁସ୍ମିତା ସୁନ୍ଦରଗଡ଼ ଜିଲ୍ଲା ସବଡେଗା ବ୍ଲକ୍ ଅନ୍ତର୍ଗତ ରଙ୍ଗିଆଜିପା ଗାଁର ବୋଲି ଜଣାପଡ଼ିଛି । ସୁସ୍ମିତା ଭଡ଼ା ଘରେ ରହି ଶାନ୍ତିଲତା ହସ୍ପିଟାଲରେ ନର୍ସଭାବେ କାର୍ଯ୍ୟ କରୁଥିବା ସୂଚନା ମିଳିଛି । ତେବେ ସେ କେଉଁ କାରଣରୁ ଏଭଳି ଚରମ ପଦକ୍ଷେପ ନେଲେ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ । ଆତ୍ମହତ୍ୟାର ପ୍ରକୃତ କାରଣ ଜାଣିବା ପାଇଁ ଟାଉନ ଥାନା ପୁଲିସ ତଦନ୍ତ ଜାରି ରଖିଛି

# ଶ୍ରାବଣ ମାସର ଚତୁର୍ଥ ତଥା ଶେଷ ସୋମବାର



ରାଉରକେଲା ୨୩/୮(ନି/ପ୍ର): ଶ୍ରାବଣ ମାସର ଚତୁର୍ଥ ସପ୍ତାହର ଶନିବାର ଦିନ, ମନୋହରପୁର ରେଳ ଷ୍ଟେସନର ଶିବ ମନ୍ଦିର ପ୍ରାଙ୍ଗଣରେ ପ୍ରତିଷ୍ଠାତା ଈଶ୍ୱର ଦାସ ମିନ୍ତଲଙ୍କ ପରିବାର, ମନ୍ଦିରରେ ଟାଇଲ୍ସ ଉଦ୍ଘାଟନ ଉତ୍ସବର ଆୟୋଜନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଷ୍ଟେସନ ମ୍ୟାନେଜର ଶଶି ରଞ୍ଜନ ସିଂହ, ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମିର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାରୁ ସନ୍ତୋଷ ପାଣ୍ଡେ, ମନୋହରପୁର ବିଧାୟକ ରଞ୍ଜିତ ଯାଦବ ମଧ୍ୟ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ସଂଗଠନର ସଦସ୍ୟମାନେ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଷ୍ଟେସନ ମ୍ୟାନେଜର ଶଶି ରଞ୍ଜନ ସିଂହଙ୍କ ପାଇଁ ଏକ ବିଦାୟ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା ଏବଂ ତାଙ୍କୁ ଅନୁଷ୍ଠାନ ତରଫରୁ ଏକ ମୂଲ୍ୟବାନ ଉପହାର ଦିଆଯାଇଥିଲା । ଶ୍ରୀ ଶିବ ମହିମା କାୱାରିଆ ସଂଘର ପୂର୍ବତନ ସଭାପତି ବସନ୍ତ ଅଗ୍ରୱାଲଙ୍କ ପାଇଁ ମଧ୍ୟ ଏକ ବିଦାୟ ସମାରୋହ ଅନୁଷ୍ଠିତ ହୋଇଥିଲା । ମନୋହରପୁର ରେଳ ପରିସରରେ ରେଳ ଅଧିକାରୀ, ଆରପିଏଫ୍ ସୁରେଶ ଚନ୍ଦ୍ରଭୋଇ ଏବଂ ଏଜଚର ଅର୍ଜୁନ ମାହାତୋଙ୍କୁ ମଧ୍ୟ ସ୍ୱାଗତ କରାଯାଇଥିଲା । ମନ୍ଦିର ପ୍ରାଙ୍ଗଣରେ ଭୋଲେ ବାବାଙ୍କୁ ପୂଜା କରାଯାଇଥିଲା । ମନୋହରପୁର ରେଳ ଷ୍ଟେସନରେ ଏକ ଭବ୍ୟ ଭୋଜିର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଶ୍ରୀ ଶିବ ମହିମା କାୱାରିଆ ସଂଘ ରାଉରକେଲା ପରିବାରର ପ୍ରତିଷ୍ଠାତା ଈଶ୍ୱର ଦାସ ମିନ୍ତଲ, ନନ୍ଦ ଲାଲ ସାହୁ, ଯଦୁନାନନ୍ଦ ଶାହ (ସାଧୁ ଜୀ), ବିନୋଦ କୁମାର ଗୁପ୍ତା, ଆନନ୍ଦ । ଅଗ୍ରୱାଲ କମଳ କୌଶଳ ସୋନୁ ସିଂହ ସୁରଜ ମିଶ୍ର (ଭାଇ ଜୀ) ମୋନୁ ସିଂହ ବିକି ସିଂହ ଦିନେଶ କୁମାର ଯାଦବ ସୁରଜ କୁମାର ସୋନି ମନୋହରପୁର ସଦସ୍ୟ ଉପସ୍ଥିତ ଥିଲେ ଜଗଦୀଶ ଚନ୍ଦ୍ର ମାହାତୋ ମନୋଜ କୁମାର (ଚକ୍ରଧରପୁର ୱାଲେ), ମୁନ୍ନା ଗୁପ୍ତା, ଭୋଲା ଯାଦବ, ଅଜୟ ସିଂହଙ୍କ ସମେତ ମନୋହରପୁର ସଂଗଠନ ପ୍ରତିଷ୍ଠାନର ବରିଷ୍ଠ କର୍ମୀ ଯେଉଁମାନେ ଗତ ୩୨ ବର୍ଷ ଧରି ସଂଗଠନର ପ୍ରତ୍ୟେକ କାର୍ଯ୍ୟକ୍ରମରେ ନିଜର ସମର୍ଥନ ଦେଇ ଆସୁଛନ୍ତି ଏବଂ ସଂଗଠନକୁ ଆଗେଇ ନେଇ ଆସୁଛନ୍ତି । ସେମାନେ ଗତ ୩୨ ବର୍ଷ ଧରି ସଂଗଠନରେ ମଧ୍ୟ ଅବଦାନ ରଖିଛନ୍ତି । ସମସ୍ତେ ଶ୍ରାବଣ ମାସର ଚାରି ସପ୍ତାହରେ ସେମାନଙ୍କର ମୂଲ୍ୟବାନ ସମୟ ଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ରାଉରକେଲା ପୋଲିସ୍ ପକ୍ଷରୁ ନକଲି ହାତ ଘଟାଂ ଚିହ୍ନଟ: ସମ୍ପୃକ୍ତ ଘଟଣାରେ ୪ ଗିରଫ



ରାଉରକେଲା,୨୩/୮(ନି/ପ୍ର): ସହରର ପ୍ଲାଟଂସାଇଟ୍ ଥାନା ପକ୍ଷରୁ ଟାଇଟାନ୍, ଫାଷ୍ଟଟ୍ରାକ୍ ଏବଂ ସୋନାଟା ଭଳି ବିଭିନ୍ନ ବ୍ରାଣ୍ଡର ନକଲି ଘଟାଂ ବିକ୍ରୟ ହେଉଥିବା ବେଳେ, ଏହାକୁ ପୋଲିସ୍ ପକ୍ଷରୁ ଚିହ୍ନଟ କରାଯାଇ ଏମ୍ଡି ସୋହେଲ୍, ଇମ୍ରାନ୍ ଅହମ୍ମଦ, ମହମ୍ମଦ ଉମୈର ଆଲାମ୍ ଏବଂ ମହମ୍ମଦ ଅସୀମ୍ ନାମକ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଭିଯୁକ୍ତମାନେ ବ୍ୟକ୍ତିଗତ ଲାଭ ପାଇଁ ବ୍ରାଣ୍ଡେଡ୍ କମ୍ପାନୀ ନାମରେ ଟାଇଟାନ୍, ଫାଷ୍ଟଟ୍ରାକ୍ ଏବଂ ସୋନାଟାର ନକଲି ଘଟାଂ ସାଧାରଣ ଲୋକଙ୍କୁ ବିକ୍ରି କରିଥିଲେ ବୋଲି ଅଭିଯୋଗ ହୋଇଥିଲା । ଘଟଣାରେ ଗିରଫ ଅଭିଯୁକ୍ତ ହେଲେ ରାଉରକେଲା ବିଶ୍ରା ଥାନା ଅନ୍ତର୍ଗତ ଜୀନତ କଲୋନୀର ଏମ୍ଡି ସୋହେଲ୍ (୨୯) ହୋଇଥିଲା ବେଳେ ସେ ବର୍ତ୍ତମାନ ରାଉରକେଲା ପ୍ଲାଟଂସାଇଟ୍ ଥାନା ଅଧିନସ୍ଥ ଭାଟି ରୋଡର ଥିବା ନୂତନ କଲେକ୍ସନ୍ ଦୋକାନର ମାଲିକ । ସେହିପରି ରାଉରକେଲା ପ୍ଲାଟଂସାଇଟ୍ ଥାନା ଅଧିନସ୍ଥ ଆଜାଦ ମୋହଲ୍ଲାର ଇମ୍ରାନ ଅହମ୍ମଦ (୪୩) ଏବଂ ସେ ବର୍ତ୍ତମାନ ପ୍ଲାଟଂସାଇଟ୍ ଥାନା ଅଧିନସ୍ଥ ନାଲା ରୋଡରେ ଥିବା ଉତ୍କଳ ଟାଇମ୍ ହାଉସର ମାଲିକ । ତୃତୀୟ ଅଭିଯୁକ୍ତ ହେଲେ ରାଉରକେଲା ପ୍ଲାଟଂସାଇଟ୍ ଥାନା ଅଧିନସ୍ଥ ଦରଗାହି ମୋହ୍ଲାର ମୋହମ୍ମଦ ଉମୈର ଆଲମ୍ (୩୫) ଏବଂ ସେ ବର୍ନମାନ ପ୍ଲା[ସାଇଟ୍ ଥାନା ଅଧିନସ୍ଥ ମେନ୍ ରୋଡର ଜିଲ୍ଲାଲାନ୍ କମ୍ପ୍ଲେକ୍ସ ଗୃହସ୍ଥୀ ସାମ୍ନାରେ ଥିବା ମେଟ୍ରୋ ଟାଇମ୍ସର ମାଲିକ । ଚତୁର୍ଥ ଅଭିଯୁକ୍ତ ହେଲେ ପ୍ଲା[ସାଇଟ୍ ଥାନା ଅଧିନସ୍ଥ ଜାମା ମସଜିଦ ଗଳିର ମହମ୍ମଦ ଅସୀମ (୪୦) ଏବଂ ସେ ବର୍ନମାନ ରାଉରକେଲା ଭାଟି ରୋଡରେ ଥିବା ଜେଡ୍.କେ ସେଲ୍ସର ମାଲିକ । ଅଭିଯୁକ୍ତମାନଙ୍କ ନିକଟରୁ ୧୬୦ଟି ଡୁପ୍ଲିକେଟ୍ ଫାଷ୍ଟଟ୍ରାକ୍ ଟ୍ୟାଗ୍, ୧୮୬ଟି ଡୁପ୍ଲିକେଟ୍ ଫାଷ୍ଟଟ୍ରାକ୍ ଚମଡା ବେଲ୍ଟ ଘଟାଂ, ୪୫ଟି ଡୁପ୍ଲିକେଟ୍ ଫାଷ୍ଟଟ୍ରାକ୍ କଳା ଚେନ୍ ଘ[ା, ୧୧୧ଟି ଡୁପ୍ଲିକେଟ୍ ଫାଷ୍ଟଟ୍ରାକ୍ ରୂପା ଚେନ୍ ଘଟାଂ, ୦୪ଟି ଡୁପ୍ଲିକେଟ୍ ଟାଇଟାନ୍ ଖାଲି ବାକ୍ସ, ୨୧ଟି ଡୁପ୍ଲିକେଟ୍ ଫାଷ୍ଟଟ୍ରାକ୍ ଖାଲି ବାକ୍ସ, ୫୪ଟି ଡୁପ୍ଲିକେଟ୍ ସୋନାଟା ଖାଲି ବାକ୍ସ, ୧୫ଟି ଡୁପ୍ଲିକେଟ୍ ଟାଇଟାନ୍ ସିଲଭର ଚେନ୍, ୦୬ଟି ଡୁପ୍ଲିକେଟ୍ ଟାଇଟାନ୍ ଗୋଲଡେନ୍ ଚେନ୍, ୪୨ଟି ଡୁପ୍ଲିକେଟ୍ ଟାଇଟାନ୍ ସିଲଭର ଚେନ୍, ୭୩ଟି ଡୁପ୍ଲିକେଟ୍ ଟାଇଟାନ୍ ଗୋଲଡେନ୍ ଘଟାଂ, ୨୦ଟି ଡୁପ୍ଲିକେଟ୍ ଟାଇଟାନ୍ କଳା ଚେନ୍ ଘଟାଂ, ୧୧ଟି ଡୁପ୍ଲିକେଟ ଟାଇଟାନ୍ ଚମଡା ବେଲ୍ଟ ଘଟାଂ, ୮୮ଟି ଡୁପ୍ଲିକେଟ ସୋନାଟା ଚମଡା ବେଲ୍ଟ ଘଟାଂ, ୧୧୦ଟି ଡୁପ୍ଲିକେଟ ସୋନାଟା ଗୋଲଡେନ୍ ଚେନ୍ ଘଟାଂ. ୧୭ଟି ଡୁପ୍ଲିକେଟ ସୋନାଟା କଳା ଚେନ୍ ଘଟାଂ, ୩୭ଟି ଡୁପ୍ଲିକେଟ ସୋନାଟା ରୂପା ଚେନ୍ ଘଟାଂ, ୪୦ଟି ଡୁପ୍ଲିକେଟ ଫାଷ୍ଟ୍ରାକ୍ ରୂପା ଚେନ୍ ଘଟାଂ, ୭ଟି ଡୁପ୍ଲିକେଟ ଫାଷ୍ଟ୍ରାକ୍ କଳା ଚେନ୍ ଘଟାଂ, ୯ଟି ଡୁପ୍ଲିକେଟ ଫାଷ୍ଟ୍ରାକ୍ ରୂପା ବେଲ୍ଟ, ୫ଟି ଡୁପ୍ଲିକେଟ ସୋନାଟା ରୂପା ଚେନ୍, ୧୧ଟି ଡୁପ୍ଲିକେଟ ସୋନାଟା ସୁବର୍ଣ୍ଣ ଚେନ୍, ୩୩ଟି ଡୁପ୍ଲିକେଟ ଫାଷ୍ଟ୍ରାକ୍ ଚମଡା ଚେନ୍ ଘଟାଂ, ୨୨୫ଟି ଡୁପ୍ଲିକେଟ ଫାଷ୍ଟ୍ରାକ୍ ରୂପା ଘଟାଂ, ୨୮ଟି ଡୁପ୍ଲିକେଟ ଟାଇଟାନ୍ ଜଇଏଇ ମହିଳା ଘଟାଂ, ୧୫ଟି ଡୁପ୍ଲିକେଟ ଫାଷ୍ଟ୍ରାକ୍ ଚମଡା ଘଟାଂ, ୯ଟି ଡୁପ୍ଲିକେଟ ଫାଷ୍ଟଟ୍ରାକ୍ ମହିଳା ରୂପା ଘଟା. ୧୨ଟି ଡୁପ୍ଲିକେଟ ସୋନାଟା ସିଲଭର ଚେନ୍ ଘଟାଂ, ୧୯୭ଟି ଡୁପ୍ଲିକେଟ ଫାଷ୍ଟଟ୍ରାକ୍ ଡାଏଲ୍, ୧୫ଟି ଡୁପ୍ଲିକେଟ ଟାଇଟାନ୍ ଜଇଏଇ ସିଲଭର ଘଟାଂ, ୧୨ଟି ଡୁପ୍ଲିକେଟ ଫାଷ୍ଟଟ୍ରାକ୍ ସୁବର୍ଣ୍ଣ ଚେନ୍ ଘଟାଂ, ୧୪ଟି ଡୁପ୍ଲିକେଟ ଫାଷ୍ଟଟ୍ରାକ୍ ରୂପା ଚେନ୍ ଘଟାଂ, ୬ଟି ଡୁପ୍ଲିକେଟ ଟାଇଟାନ୍ ଜେଂଟସ୍ ଚମଡା ଘଟାଂ, ୨୯୨ଟି ଡୁପ୍ଲିକେଟ ଫାଷ୍ଟଟ୍ରାକ୍ ଟ୍ୟାଗ୍, ୧୧୫ଟି ଡୁପ୍ଲିକେଟ ସୋନାଟା ଟ୍ୟାଗ୍ ଏବଂ ୮୪ଟି ଡୁପ୍ଲିକେଟ ଫାଷ୍ଟଟ୍ରାକ୍ ଚମଡା ବେଲଟ୍ ଥିବା ଘଟାଂ ଜବତ କରାଯାଇଛି । ଅଭିଯୁକ୍ତମାନଙ୍କ ବିରୋଧରେ ପ୍ଲାଟଂସାଇଟ୍ ଥାନା କେସ୍ ନଂ-୮୬୫, ୨୨.୦୮.୨୦୨୬ ତାରିଖରେ ଭାରତୀୟ କପି ରାଇଟ୍ ଆଇନର ୟୁ/ଏସ୍-୩୧୮(୪)/୩(୫) ବିଏନ୍ଏସ୍ ଆର.ଡବ୍ଲୁ ଧାରା-୬୩ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

# ବିଦ୍ୟୁତ ଆଘାତରେ ଯୁବତିଙ୍କ ମୃତ୍ୟୁ

ଜୟପୁର,୨୩/୮(ନି/ପ୍ର): ବିଦ୍ୟୁତ ଆଘାତରେ ଜଣେ ଯୁବତିଙ୍କ ମୃତ୍ୟୁ ହୋଇଛି । ମୃତ ଯୁବତି ଜଣକ ହେଲେ ବି ମାଳିଗୁଡା ଗ୍ରାମର ପ୍ରଫୁଲ ମାଳିଙ୍କ ସାନ ଝିଅ ଗୋରା ମାଳି (୧୮) । ସୂଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ବି ମାଳିଗୁଡା ରେ ଘରେ ଭିତରେ ଲୁହା ତାର ଲୁଗା ସୁଗାଇବା ପାଇ ଟଣା ଯାଇଥିଲା । ତେବେ ସାନ ଝିଅ ଅଜାଣତରେ ବାମ ହାତରେ ହାତ ଛୁଇଁ ଦେଇଥିଲା । ବିଦ୍ୟୁତ ଖୁଂଟରୁ ଘରକୁ ବିଦ୍ୟୁତ ସଂଯୋଗ ହୋଇଛି । ଫଳରେ କେଉଁ ଠାରେ ବିଦ୍ୟୁତ ତାରଟି କଟିଯାଇଛି । ସାନ ଝିଅ ଅଜାଣତରେ ଛୁଁଇ ଦେଇ ଗୁରୁତର ହୋଇ ପଡିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଘରୋଇ ହସପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ଜୟପୁର ସଦର ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୁଚନା ଦେଇଛନ୍ତି ।

# ଜୀବନ ଓ ଜୀବିକାର ମାଧ୍ୟମ କୋରାପୁଟ ଜିଲାର ସପ୍ତାହିକ ହାଟ

ଜୟପୁର,୨୩/୮(ନି/ପ୍ର): କୋରାପୁଟ ଜିଲ୍ଲାର ଆଦିବାସୀ ଅଧୁଷିତ ଅଧିବାସୀଙ୍କ ଜୀବନ ଜୀବିକା ସହ ଜଡିତ ହୋଇଛି ସପ୍ତାହିକ ହାଟ । କୋରପୁଟ ଜିଲାର ୧୪ଟି ବ୍ଲକରେ ସପ୍ତାହିକ ହାଟ ରହିଛି । ଜୟପୁର, କୋରାପୁଟ, ବୋରିଗୁମ୍ମା, କୋଟପାଡ, ବୈପାରିଗୁଡା, କୁନ୍ଦୁରା, ସେମିଳିଗୁଡା, ନନ୍ଦପୁର, ଲକ୍ଷ୍ମୀପୁର, ପାଡୁଆ, ପଟାଙ୍ଗୀ ହାଟର କିଣା ବିକା ଠାରୁ ଆରମ୍ଭ କରି ସ୍ନେହ ସମ୍ପର୍କ ଆଦି ଜାବୁଡିରଖିଛି ଏହି ହାଟ । ସାମାଜିକ ଚଳଣି ଓ ପରମ୍ପରା ସାଙ୍ଗକୁ ପର୍ବପର୍ବାଣୀରେ ଭରିରହିଥାଏ ଅପୂର୍ବ ମିଳନ । ଯାହା କେଉଁ ପ୍ରାଚୀନ କାଳରୁ ଆଦିବାସୀ ସାପ୍ତାହିକ ହାଟ ସହିତ ଆଦିବାସୀ, ବନବାସୀଙ୍କ ଜୀବନ ଓ ଜୀବିକା ଜଡିତ ହୋଇ ରହିଥିବା ବେଳେ ସାମାଜିକ ଜୀବନରେ ହାଟ ଏକ ଜୀବନ ର ମାଧ୍ୟମ କହିଲେ ଅତ୍ୟୁକ୍ତି ହେବ ନାହିଁ ଅତୀତରେ ଏହି ସାପ୍ତାହିକ ହାଟରେ ଭାବର ଆଦାନ ପ୍ରଦାନ ସହ ବନବାସୀଙ୍କ ପୂର୍ବପୁରୁଷ କନ୍ୟା ପସନ୍ଦ କରି ବିବାହ କରିଥିବାର ବହୁ ନଜିର ରହିଛି । ସାପ୍ତାହିକ ହାଟରେ ସକାଳୁ ବେପାରୀ ଓ ଗ୍ରାହକଙ୍କ ଭିଡ ଲାଗିବା ସହ ଆରମ୍ଭ ହୁଏ କିଣାବିକା ଓ ସେହିଭଳି ହାଟ ଭିଡ ଭିତରେ ମନ ଖୋଜୁଥିବା ମଣିଷ ମଇତ୍ର, ସମୁଦୀ ଅଥବା ଆତ୍ମୀୟ ସ୍ୱଜନ ଦେଖା ମିଳିଗଲେ ପାରମ୍ପରିକ ସ୍ୱାଗତ ଜୁହାର ହେବା ସହ ତେଲଲୁଣ ସଂସାରର କ୍ଷଣିକ ଦୁଃଖ ଭୁଲିଯାଇ ଖୁସି ସମୟ ମନେ ପକାଇ ବିଭୋର ହୋଇଥାନ୍ତି ବନବାସୀ । ଏଥିସହିତ ଏହି ସାକ୍ଷାତରେ ପର୍ବପର୍ବାଣୀ ଓ ବିବାହ ନିମନ୍ତେ ନିମନ୍ତ୍ରଣ କରାଯାଏ ଓ ଆଜି ବି ସାପ୍ତାହିକ ହାଟ ଏକ ବହୁମୁଖୀ ମଂଚ ଭାବେ ପରିଚିତ । ଯେଉଁଠି ସଚେତନତା ବାର୍ତ୍ତା ସହ ସରକାରୀ ଯୋଜନାର ପ୍ରଚାର ଓ ନିର୍ବାଚନ ପ୍ରଚାର କରାଯାଇଥାଏ । ଅନ୍ୟପକ୍ଷରେ ଆଦିବାସୀ ହାଟରେ ପନିପରିବା କୁଢାରେ ବିକ୍ରିଓ ଅନ୍ୟ ଶସ୍ୟ ଦ୍ରବ୍ୟ ଡବା ମାପରେ ବିକ୍ରିର ପରମ୍ପରା ଆଜିବିବଂଚିଛି । ଦୁଇ ଭାଗ କିଣିଲେ ଗ୍ରାହକଙ୍କ ମନଜାଣି ଗୋଟିଏ ଭାଗ ପୁରାଣୀ ଅର୍ଥାତ ମାଗଣା ଦେବା ପରମ୍ପରା ରହିଛି । ହାଟରେ ମହିଳା ବେପାରୀଙ୍କ ସଂଖ୍ୟା ଅଧିକ ରହିଥିବା ବେଳେ ଏଠାରେ ଛୁଚିଠାରୁ ଆରମ୍ଭ କରି ବିଭିନ୍ନ ଘରକରଣା ଉପକରଣ ମିଳିଥାଏ । ଆଉ ଚୁଡ଼ିଠାରୁ ଶାଢ଼ୀ ମହିଳା ପ୍ରଶାଧନ ସାମଗ୍ରୀର ସମ୍ଭାର ଦେଖିବାକୁ ମିଳିଥାଏ । ମୂଷାମରା ଠାରୁ ଉକୁଣୀ ମରା ଔଷଧ ହାଟରେ ମିଳିଥାଏ ଓ ଗୋରୁ ହାଟରେ ଗାଈଗୋରୁ ଠାରୁ ଆରମ୍ଭ କରି ଛେଳି, ମେଣ୍ଢା, କୁକୁଡ଼ା ଓ ବତକ ପର୍ଯ୍ୟନ୍ତ ବିକ୍ରିହୁଏ ଓ କୁମ୍ଭାର ଠାରୁ କମ୍ଭାର ସାମଗ୍ରୀ ସହ ଆମିଷ ହାଟରେ ମାଛ, ଚିକେନ, ମଟନ ଓ ଦେଶୀ ଅଣ୍ଡା କାରବାର ହୋଇଥାଏ । ସେହିଭଳି ଧାନ, ଚାଉଳ, ବିରି, ମୁଗ, କାନ୍ଦୁଲ ଓ କୋଳଥ ସମେତ ବିଭିନ୍ନ ଶସ୍ୟ କିଣାବିକା ହୋଇଥାଏ ।

# ସେଲ୍, ଆରଏସପି-ର ଇସ୍ପାତ୍ ଜେନେରାଲ ହସ୍ପିଟାଲର ଆଇସିୟୁରେ ୨୩ ଦିନ ରହିବା ପରେ ମୁଣ୍ଡ ରେ ଗୁରୁତର ଆଘାତ ପାଇଥିବା ୫୫ ବର୍ଷୀୟ ରୋଗୀ, ଆରୋଗ୍ୟ



ରାଉରକେଲା,୨୩/୮(ନି/ପ୍ର) :ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଂଟ ଅଧୀନସ୍ଥ ଇସ୍ପାତ୍ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ର ଡାକ୍ତରମାନେ ଜଣେ ଗୁରୁତର ଆହତ ୫୫ ବର୍ଷୀୟ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କର ସଫଳ ଚିକିତ୍ସା କରିଛନ୍ତି, ଯାହାଙ୍କୁ ଅର୍ଦ୍ଧ- ସଚେତନ ଅବସ୍ଥାରେ ଏବଂ ଶ୍ୱାସକ୍ରିୟାରେ ପ୍ରବଳ କଷ୍ଟ ସହ ହସ୍ପିଟାଲକୁ ଅଣାଯାଇଥିଲା । ଜରୁରୀକାଳୀନ ମସ୍ତିଷ୍କ ଅସ୍ତ୍ରୋପଚାର ପରେ ଆଇସିୟୁ ଏବଂ ପୁନରୁଦ୍ଧାର ଚିକିତ୍ସା ଦ୍ୱାରା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉଲ୍ଲେଖନୀୟ ସୁଧାର ଆସିଛି ଏବଂ ୨୩ ଦିନର ହସ୍ପିଟାଲ ରହଣି ପରେ ଏବେ ତାଙ୍କୁ ଡିସଚାର୍ଜ କରିବାକୁ ଯୋଜନା କରାଯାଇଛି । ଶ୍ରୀ ବିରଚିଂ ନାରାୟଣ ସାହୁ ଜୁଲାଇ ୧୯ ତାରିଖ ରେ ରାଉରକେଲା ର ସିଭିଲ୍ ଟାଉନସିପ୍ ଠାରେ ଏକ ଗାଡ଼ି ଧକ୍କାରେ ଗୁରୁତର ଆହତ ହୋଇଥିଲେ । ପ୍ରଥମେ ତାଙ୍କୁ ଏକ ବେସରକାରୀ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ମସ୍ତିଷ୍କର ସିଟି ସ୍କାନ୍‌ରୁ ଜଣାପଡ଼ିଥିଲା ଯେ ମସ୍ତିଷ୍କ ଉପରେ ପ୍ରଚୁର ରକ୍ତ ଜମାଟ ବାନ୍ଧିବା ସହ ଗୁରୁତର ଆଘାତ ଲାଗିଛି । ପରବର୍ତ୍ତୀ ସମୟରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଆଇଜିଏଚ୍‌କୁ ରେଫର୍ କରାଯାଇଥିଲା । ଆଇଜିଏଚ୍‌ରେ ପହଚିଂବା ପରେ ରୋଗୀଙ୍କୁ ତୁରନ୍ତ ଭେଟିଂଲେଟର ସପୋର୍ଟରେ ରଖାଯାଇ ଜରୁରୀକାଳୀନ ମସ୍ତିଷ୍କ ଅସ୍ତ୍ରୋପଚାର କରାଯାଇଥିଲା । ସିନିୟର କନ୍‌ସଲଟାଂଟ ନିଉରୋସର୍ଜନ ଡାକ୍ତର ମନୋଜ କୁମାର ଦେଓ ଏହି ଅସ୍ତ୍ରୋପଚାର କରିଥିଲେ, ଯେଉଁଥିରେ ଆନେସ୍ଥେସିଆର ଅତିରିକ୍ତ ସିଏମଓ ଡାକ୍ତର ସଞ୍ଜୁକ୍ତା ପାଣିଗ୍ରାହୀ ସହଯୋଗ କରିଥିଲେ । ନର୍ସଂ ଅଫିସର ଲିପିକା ଅସ୍ତ୍ରୋପଚାର ସମୟରେ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରିଥିଲେ । ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ଦୀର୍ଘ ଦିନ ଧରି ଆଇସିୟୁ ଏବଂ ଭେଟିଂଲେଟର ସପୋର୍ଟର ଆବଶ୍ୟକତା ପଡ଼ିଥିଲା । ସିଷ୍ଟର ସାଇନି ଜର୍ଜଙ୍କ ନେତୃତ୍ୱରେ ଆଇସିୟୁ ଟିମ୍, ନର୍ସଂ ଏବଂ କ୍ରିଟିକାଲ୍ କେୟାର ଷ୍ଟାଫ୍ ରୋଗୀଙ୍କର ଏହି ସଙ୍କଟାପନ୍ନ ପର୍ଯ୍ୟାୟରେ ନିରନ୍ତର ନଜର ଓ ସେବା ପ୍ରଦାନ କରିଥିଲେ । ଧୀରେ ଧୀରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାକୁ ଲାଗିଲା । ତାଙ୍କୁ ଭେଟିଂଲେଟର ସପୋର୍ଟରୁ ସଫଳତାର ସହ କାଢ଼ିଦିଆଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଶ୍ୱାସକ୍ରିୟାକୁ ସହଜ କରିବା ପାଇଁ ଏକ ଅସ୍ଥାୟୀ ଟ୍ରାକିଓଷ୍ଟୋମି କରାଯାଇଥିଲା । ଆହୁରି ସୁଧାର ଆସିବା ପରେ ତାଙ୍କୁ ଆଇସିୟୁରୁ ୱାର୍ଡକୁ ସ୍ଥାନାନ୍ତରିତ କରାଯାଇଥିଲା । ପରବର୍ତ୍ତୀ ଦିନଗୁଡ଼ିକରେ ତାଙ୍କର ଚେତା ବା ସଂଜ୍ଞା ସ୍ତରରେ ନିରନ୍ତର ସୁଧାର ଘଟିଥିଲା । ସେ ସାଧାରଣ ନିର୍ଦ୍ଦେଶ ବୁଝିବା, ସମ୍ପର୍କୀୟଙ୍କ ସହ କଥାବାର୍ତ୍ତା କରିବା ଏବଂ ପାଟିରେ ଖାଦ୍ୟ ଗ୍ରହଣ କରିବା ଆରମ୍ଭ କରିଥିଲେ । ସେ ନିଜେ ସଠିକ୍ ଭାବେ ଖାଦ୍ୟ ଗ୍ରହଣ କରିବା ଏବଂ ସ୍ୱାଧୀନ ଭାବେ ଶ୍ୱାସକ୍ରିୟା କରିବାରେ ସମର୍ଥ ହେବା ପରେ ଅସ୍ଥାୟୀ ଟ୍ରାକିଓଷ୍ଟୋମିକୁ ସଫଳତାର ସହ ବାହାର କରିଦିଆଯାଇଥିଲା । ଗୌରୀ, ମାନସିନୀ, ମନୀଷା, ନମିତା, ପ୍ରିୟଙ୍କା ଏବଂ ଅନ୍ୟାନ୍ୟ ନିଷ୍ଠାପର ନର୍ସଂ ଷ୍ଟାଫଙ୍କୁ ନେଇ ଗଠିତ ୱାର୍ଡ ନର୍ସଂ ଟିମ୍ ତାଙ୍କ ସୁସ୍ଥ ହେବା ପ୍ରକ୍ରିୟା ସାରା ସେବା ଓ ସହାୟତା ଜାରି ରଖିଥିଲେ । ଦୀର୍ଘଦିନର ଗୁରୁତର ଅସୁସ୍ଥତା ପରେ ରୋଗୀଙ୍କୁ ପୁନର୍ବାର ଶକ୍ତି ଓ ଚଳପ୍ରଚଳ କ୍ଷମତା ଫେରାଇ ଆଣିବାରେ ବ୍ୟକ୍ତିଗତ ଫିଜିଓଥେରାପି ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଶ୍ରୀ ପ୍ରେମାନନ୍ଦ ସ୍ୱାଇଁ ଏବଂ ତାଙ୍କ ଟିମ୍ ଫିଜିଓଥେରାପି ସେବା ଯୋଗାଇ ଦେଇଥିଲେ । ୨୩ ଦିନର ହସ୍ପିଟାଲ ରହଣି ପରେ ଶ୍ରୀ ସାହୁ ସମ୍ପୂର୍ଣ୍ଣ ଚେତା ଫେରି ପାଇଛନ୍ତି, ସାଧାରଣ ନିର୍ଦ୍ଦେଶ ବୁଝିପାରୁଛନ୍ତି, ଖାଦ୍ୟ ଗ୍ରହଣ କରୁଛନ୍ତି ଏବଂ ଜଣେ ବ୍ୟକ୍ତିଙ୍କ ସହାୟତାରେ ଚାଲିପାରୁଛନ୍ତି । ଏବେ ତାଙ୍କୁ ଉନ୍ନତ ସ୍ୱାସ୍ଥ୍ୟାବସ୍ଥାରେ ଡିସଚାର୍ଜ କରିବାକୁ ଯୋଜନା କରାଯାଇଛି । ଏହି ଘଟଣାଟି ଗୁରୁତର ମୁଣ୍ଡ ରେ ଆଘାତ ଚିକିତ୍ସାରେ ସମୟୋଚିତ ଜରୁରୀକାଳୀନ ପଦକ୍ଷେପ, ଉନ୍ନତ କ୍ରିଟିକାଲ୍ କେୟାର, ନିଷ୍ଠାପର ନର୍ସଂ ଏବଂ ଯୋଜନାବଦ୍ଧ ପୁନରୁଦ୍ଧାର ଚିକିତ୍ସାର ଗୁରୁତ୍ୱକୁ ଦର୍ଶାଉଛି ।

# ସର୍କିଟ୍ ହାଉସ ଅପରାଧିକ ମାମଲାର ନିରପେକ୍ଷ ତଦନ୍ତ ଦାବି କରି ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ



ରାଉରକେଲା,୨୩/୮(ନି/ପ୍ର): ପାନପୋଷ ସର୍କଟ ହାଉସ୍ ଅପରାଧିକ ମାମଲାର ନିରପେକ୍ଷ ତଦନ୍ତ ଦାବି କରି ଆଜି ରାଉରକେଲା ଜିଲ୍ଲା କଂଗ୍ରେସ ପକ୍ଷରୁ ରାଉରକେଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।୨୦୨୬ ଅଗଷ୍ଟ ୧୪ ତାରିଖ ଦିନ ଗିରଫ ହୋଇଥିବା କେତେକ ଅପରାଧୀ ରାଉରକେଲା ସର୍କିଟ୍ ହାଉସରେ ଗତ ତା୨୧-୭-୨୦୨୬ରିଖ ଠାରୁ ଆଡ୍ଡା ଜମାଇଥିଲେ । ପୋଲିସ ତାଙ୍କୁ ଗିରଫ କଲାପରେ, ଏହି ମାମଲାଟି ଜନସାଧାରଣଙ୍କ ସାମ୍ନାକୁ ଆସିଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ମୁଖ୍ୟ ମାଷ୍ଟର ମାଇଣ୍ଡ ଏବଂ କିଏ ସେଇ ବ୍ୟକ୍ତି, ଯିଏକି ରାଉରକେଲା ସର୍କିଟ ହାଉସର ଦୁଇଟି ଭିଭିଆଇପି ରୁମ୍ ବୁକ୍ କରିଥିଲେ, ତାଙ୍କୁ ଗିରଫ କରିବା ପାଇଁ ରାଉରକେଲା ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଦାବି ରଖାଯାଇଛି । ଜିଲ୍ଲା କଂଗ୍ରେସ ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନରେ ଜିଲ୍ଲା କଂଗ୍ରେସ ସଭାପତି ସାବିର ହୁସେନ, ପୂର୍ବତନ ଜିଲ୍ଲା ସଭାପତି ଦେବବିହାରୀ, ପୂର୍ବତନ ଜିଲ୍ଲା ସଭାପତି ରର୍ଣ୍ଣିରଞ୍ଜନ ପାଢ଼ୀ, ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ସୁଶୀଲ କିଣ୍ଡୋ, ଶ୍ରୀମତୀ ଝରଣା ତ୍ରିପାଠୀ, ଖାଦେଲ ସେଠି, ସରୋଜ ଲେଙ୍କା, ଦେବକାନ୍ତ ନାୟକ ବନମାଳୀ ବିଶୋଇ, ନଚିକେତା ମହାପାତ୍ର, କିର୍ତନ ଦାସ, ଶିବୁ ଦୀପ୍, ମନୋଜ ପାଣିଗ୍ରାହୀ, ରାଜେଶ ଟପ୍ପୋ, ବସନ୍ତ ସାମଲ, ସୁନୀଲ ସିଂ, ତରୁଣ ବାଗ୍, ଶ୍ୟାମ ସାଗର, ଏଡି ଗୁଲାମ, ସୁଦନ ତନ୍ତୀ, ପିଂଟୁ ସାହୁ, ଏଡି ଇମାମ୍, ଏଡି ସବିର ହୁସେନ, ଏଡି ନିଆଜ, ଏଡି ମୁଜାହିଦ, ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ, ଶୁଭମ ସୁତାର, ନବୀନ ରାଉତ, ତିଳକ ନାଗ, ଆକାଶ ଦୀପ୍, ମନୋଜ ତନ୍ତୀ, ବିକାଶ ଦୀପ୍, ରୀଚି କୁମାର, ଧନଞ୍ଜୟ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।